ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୮ ସେପ୍ଟେମ୍ବର, ୨୦୨୧

## ଖଡ଼ିରତ୍ନ ପଞ୍ଜିକାରେ ସ୍ଥାନିତ ହେଲା ବଡ଼ଗାଁ ରାମଲୀଳା ଯାତ୍ରା

ବଡ଼ଗାଁ,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ୨ ଶହ ବର୍ଷ ପୂର୍ବେ ପୂର୍ବଜମାନଙ୍କ ଦ୍ୱାରା ଖୋଲାମଞ୍ଚରେ ଅଭିନୀତ ରାତ୍ରିକାଳୀନ ରାମଲୀଳା ଯାତ୍ରା ଆରମ୍ଭ ହୋଇ ଏଯାଏ ପ୍ରତିବର୍ଷ ହୋଇଆସୁଛି। ଏହି ଐତିହାସିକ ରାମଲୀଳା ଯାତ୍ରା କିପରି ପଞ୍ଜିକାଗୁଡ଼ିକରେ ସ୍ଥାନ ପାଇବ ସେଥିପାଇଁ ୫ବର୍ଷ ହେଲା ବଡ଼ଗାଁର ତୁଷାର ରଞ୍ଜନ ପାଣିଗ୍ରାହୀ(କୁଟୁ) ଉଦ୍ୟମ କରି ଆସୁଥିଲେ। ଆବଶ୍ୟକ ତଥ୍ୟ ପ୍ରମାଣ ପଣ୍ଡିତଗଣଙ୍କ ଠାରେ ଦାଖଲ କରି ସମଲେଶ୍ୱରୀ ଏବଂ ଖଡ଼ିରତ୍ନ ପଞ୍ଜିକାରେ ସ୍ଥାନିତ କରିବାକୁ ଅନୁରୋଧ କରିଥିଲେ। ଏହି ତଥ୍ୟ ପ୍ରକାଶ ଆଧାରରେ ବୈଦିକ ବ୍ରାହ୍ମଣ ପରିଷଦ ଓ ମୁକ୍ତି ପଣ୍ଡପର ପଣ୍ଡିତମାନଙ୍କ ସହାୟତାରେ ଚଳିତବର୍ଷ ଠାରୁ ଖଡ଼ିରତ୍ନ ପଞ୍ଜିକାରେ ବଡ଼ଗାଁ ରାମଲୀଳା ଯାତ୍ରା ସ୍ଥାନିତ ହୋଇପାରିଛି।



## ସଂକ୍ଷେପରେ

### ୨ କନଷ୍ଟେବଲ ନିଲମ୍ବିତ

**କର୍ତ୍ତବ୍ୟରେ ଅବହେଳା ଅଭିଯୋଗ**

**ରାଉରକେଲା ଅଫିସ୍, ୭।୯:** ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ମଙ୍ଗଳବାର ବ୍ରାହ୍ମଣୀ ତରଙ୍ଗ ଥାନାର ୨ଜଣ କନଷ୍ଟେବଲଙ୍କୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ କନଷ୍ଟେବଲ ହେଲେ ଲକ୍ଷ୍ମୀ ମାଝୀ ଓ ସୁରେଶ ଲୁଗୁନ। କର୍ତ୍ତବ୍ୟରେ ଅବହେଳା କରିଥିବା ଅଭିଯୋଗରେ ଉଭୟଙ୍କୁ ନିଲମ୍ବିତ କରାଯାଇଥିବା କୁହାଯାଇଛି। ସୂଚନାଯୋଗ୍ୟ, ବ୍ରାହ୍ମଣୀ ତରଙ୍ଗ ଥାନା ଅଞ୍ଚଳର ଜଣେ ଆଦିବାସୀ ଯୁବତୀ ଯାଉଥିବା ବେଳେ ଆଇଡିସି ଅଞ୍ଚଳରେ ତାଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସୋମବାର ପୋଲିସ ଏହି ମାମଲାରେ ଅଭିଯୁକ୍ତଙ୍କୁ ଧରି ଡାକ୍ତରୀ ମାଇନା ଲାଗି ନେବାବେଳେ ସେ ଫେରାର ହୋଇ ଯାଇଥିଲେ। ସେହିପରି ଅତୀତରେ ଛେଣ୍ଡ ଥାନା ଅଞ୍ଚଳର ଜଣେ ଅଭିଯୁକ୍ତ ଫେରାର ହୋଇଥିଲେ। ଜିଲା ପୋଲିସ ବ୍ୟବସ୍ଥା ଯୋଗୁ ଏଭଳି ଅଭିଯୁକ୍ତ ଫେରାର ମାରୁଥିବା କୁହାଯାଉଥିବା ବେଳେ ମଙ୍ଗଳବାର ରାଉରକେଲା ଏସ୍‌ପି ଭାମୁ ଦୁଇଜଣ ତଳିଆ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି।

### କମେଣ୍ଟ ମାରି ଛେଚା ଖାଇଲେ ଷ୍ଟ୍ରିଟ୍ ରୋମିଓ

**ରାଉରକେଲା ଅଫିସ,୭।୯:** ଟ୍ୟୁସନ ସାରି ଘରକୁ ଫେରୁଥିବା ଯୁବତୀଙ୍କୁ କମେଣ୍ଟ ମାରି ଛେଚା ଖାଇଛନ୍ତି ଜଣେ ଷ୍ଟ୍ରିଟ୍ ରୋମିଓ। ଏ ନେଇ ମାଲଗୋଦାମ ବିଟ୍ ହାଉସ ପୋଲିସରେ ଅଭିଯୋଗ ହେବା ପରେ ଯୁବକ ଜଣଙ୍କ ଭୁଲ୍ ମାଗିଥିଲେ। ଏହାପରେ ପୋଲିସ ତାଙ୍କୁ ବୁଝାଶୁଝା କରି ଛାଡ଼ି ଦେଇଛି। ମଙ୍ଗଳବାର ବାସନ୍ତୀ କଲୋନୀର ଜଣେ ଯୁବତୀ ରେଲୱେ ଇନ୍‌ଷ୍ଟିଚ୍ୟୁଟ ନିକଟରେ ଟ୍ୟୁସନ ସାରି ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଉକ୍ତ ଯୁବକ ଯୁବତୀଙ୍କ ପିଛା କରି ମାଲଗୋଦାମ କାଳୀମନ୍ଦିର ରୋଡ୍ ଛକରେ ତାଙ୍କୁ କମେଣ୍ଟ ମାରିଥିଲେ। ଯୁବତୀ ଜଣଙ୍କ ବିରୋଧ କରିବାରୁ ସେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଖବର ପାଇ ଯୁବତୀଙ୍କ ଭାଇ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ନିସ୍ତୁକ ପିଟିଥିଲେ। ପରେ ତାଙ୍କୁ ବିଟ୍ ହାଉସ ପୋଲିସ ଜିମା ଦେଇଥିଲେ। ଯୁବକ ଜଣଙ୍କ ସମସ୍ତଙ୍କ ଉପସ୍ଥିତିରେ ଭୁଲ୍ ସ୍ୱୀକାର ପରେ ପୋଲିସ ତାଙ୍କୁ ଛାଡି ଦେଇଥିଲା।

### ମହିଳା ବିଜେଡିର କାର୍ଯ୍ୟକାରିଣୀ ବୈଠକ

**ଦେବଗଡ଼,୭।୯(ଡି.ଏନ.ଏ):** ବାରକୋଟ ବ୍ଲକ ଅନ୍ତର୍ଗତ ବଲଣ୍ଡା ଏବଂ ସିଂଶାଳ ଗ୍ରାମରେ ମଙ୍ଗଳବାର ଦେବଗଡ ଜିଲା ମହିଳା ବିଜେଡିର ପଞ୍ଚାୟତ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଂଶାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବାରକୋଟ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଝରଣା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣି ପ୍ରଧାନ ଓ ଜିଲା ଉପ ସଭାନେତ୍ରୀ ସୁଷମା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କର୍ମୀମାନେ ଅଧିକ ସକ୍ରିୟ ହେବା ସହ ସଙ୍ଗଠନକୁ ସୁଦୃଢ଼ କରିବାକୁ ନେତୃବୃନ୍ଦ ଉପସ୍ଥିତ ମହିଳା କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ବାରକୋଟ ବ୍ଲକର ବଲଣ୍ଡା ଗ୍ରାମରେ ମଧ ଜିଲା ମହିଳା ବିଜେଡି ପକ୍ଷରୁ ମଧ ବ୍ଲକ ସଭାନେତ୍ରୀଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା।

### ତାଲା ଭାଙ୍ଗି ସୁନା ରୁପା ଚୋରି ଅଭିଯୋଗ

**ଲହୁଣୀପଡ଼ା,୭।୯(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଗମଲେଇ ଗ୍ରାମ (ଟୁଲୁଗେଟ)ର ଦିବ୍ୟସିଂହ ପଣ୍ଡାଙ୍କ ଘରୁ ଚୋରି ହୋଇଛି। ଚୋରମାନେ ରାତ୍ରିରେ ତାଲା ଓ ଗଦରେଜ ଭାଙ୍ଗି ପ୍ରାୟ ୫ ଲକ୍ଷ ଟଙ୍କାର ଗହଣା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଦିବ୍ୟସିଂହ ଓ ତାଙ୍କ ସ୍ତ୍ରୀ ଘରେ ତାଲା ପକାଇ ଶନିବାର କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ସୋମବାର ଆସି ଦେଖିଲା ବେଳକୁ ଘରର ମୁଖ୍ୟ କବାଟ ତାଲା ଭଙ୍ଗାଯାଇଛି। ଏ ସଂକ୍ରାନ୍ତରେ ଦିବ୍ୟସିଂହ ଥାନାରେ ଅଭିଯୋଗ କରିବା ପରେ ଲହୁଣୀପଡ଼ା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ଜିଲାପାଳଙ୍କୁ ଫେରାଦ ହେଲେ ୬ ଗ୍ରାମବାସୀ

**ଦେବଗଡ଼, ୭।୯(ଡି.ଏନ.ଏ)**



ମରୁଡି ଅଞ୍ଚଳ ଘୋଷଣା ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

**ମରୁଡ଼ି ଅଞ୍ଚଳ ଘୋଷଣା ଦାବି**

ବର୍ଷାଭାବ ଯୋଗୁ ମାତ୍ର ୧୦ରୁ ୧୫ପ୍ରତିଶତ ଜମିରେ ଧାନଚାଷ ହୋଇଛି। ଅବଶିଷ୍ଟ ଚାଷଜମି ପଡିଆ ପଡିଛି। ଯେଉଁ ୧୦/୧୫ ପ୍ରତିଶତ ଜମିରେ ଧାନଚାଷ ହୋଇଛି ବର୍ଷାଭାବ ଯୋଗୁ ମାଟି ଫାଟିଯିବା ସହ ତାହା ମଧ୍ୟ ମରିବାକୁ ବସିଛି । ଆଉ ଧାନ ପହ୍ଲା କଥା ନ କହିବା ଭଲ। କାରଣ ବର୍ଷାଭାବ ଯୋଗୁ ସବୁ ଧାନ ପହ୍ଲା ଶୁଖି ପାଳ ହୋଇଗଲାଣି। ଏଭଳି ପରିସ୍ଥିତିରେ ଦେବଗଡ଼ ଜିଲା ରିଆମାଳ ବ୍ଲକ ମଳେହିପଡା ଗ୍ରାମ ପଞ୍ଚାୟତର ବଡସିମିଲଇ, ସାନସିମିଲଇ, ଗାଇମାରୁଣୀ, ନଖବାହାଲ, ପନ୍ଦରଖଣ୍ଡିଆ ଓ ତାଳବାହାଳି ଗ୍ରାମର ଚାଷୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ପ୍ରକାଶ ପାଇଛି। ଆଗାମୀ ଦିନରେ ବର୍ଷା ହେଲେ ମଧ ଧାନ ଅମଳ ହେବାର ଆଦୌ ସମ୍ଭାବନା ନ ଥିବାରୁ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଭାଙ୍ଗି ପଡଛନ୍ତି। ଏପରିକି ଚାଷୀମାନେ ଚାଷଜମିରେ ଗୋରୁ ଛାଡିଲେଣି। ଏଣୁ ସରକାର ସମ୍ପୃକ୍ତ ଅଞ୍ଚଳକୁ ତୁରନ୍ତ ମରୁଡିଗ୍ରସ୍ତ ଘୋଷଣା କରନ୍ତୁ। ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ସହ ଆଗାମୀ କର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଚାଷୀମାନେ ଦାବି ଜଣାଇଛନ୍ତି। ଦେବଗଡ ଜିଲା କୃଷକ ସଂଘ ସଭାପତି ପ୍ରମୋଦ ଝାଙ୍କର, ସମ୍ପାଦକ ଯଯାତି କିଶୋର ବିଶ୍ୱାଳ ଓ ଉପଦେଷ୍ଟା ବିଭୂତି ଗଙ୍ଗଦେବଙ୍କ ନେତୃତ୍ୱରେ ପବିତ୍ର ମୋହନ ଝାଙ୍କର, ସଞ୍ଜୟ କୁମାର ଝାଙ୍କର, ନରେନ୍ଦ୍ର ମହାପାତ୍ର, ବିଷ୍ଣୁ ଝାଙ୍କର, ଉମାକାନ୍ତ ନାୟକ, ଦେବାନନ୍ଦ ପାତ୍ର ଓ ପ୍ରଫୁଲ୍ଲ ଜାଲଙ୍କ ସମେତ ୬ଟି ଗ୍ରାମର ବହୁ ଚାଷୀ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରର ନକଲ ଜିଲା ମୁଖ୍ୟ କୃଷି ଅଧିକାରୀ, ଦେବଗଡ ଉପ ଜିଲାପାଳ, ରିଆମାଳ ବିଡିଓ, ତହସିଲଦାର, ସହକାରୀ କୃଷି ଅଧିକାରୀ, ଜିଲା ଯୋଗାଣ ଅଧିକାରୀ ଓ ଦେବଗଡ ସମବାୟ ସମିତି ସହକାରୀ ନିବନ୍ଧକଙ୍କୁ ଆବଶ୍ୟକ ପଦକ୍ଷେପ ନିମନ୍ତେ ପ୍ରଦାନ କରିଥିବା ଜଣାପଡିଛି।

# କୁକୁଡ଼ା ପାଳନ ପାଇଁ ୫୦ ପରିବାରକୁ ସହାୟତା




ହିତାଧିକାରୀମାନଙ୍କୁ କୁକୁଡା ଚିଆଁ ପ୍ରଦାନ କରାଯାଉଛି ।

**ଦେବଗଡ଼, ୭।୯(ଡି.ଏନ.ଏ)**

ଦେବଗଡ଼ ଜିଲା ତିଲେଇବଣି ଆଇଟିଡିଏ (ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା) ପକ୍ଷରୁ ମଙ୍ଗଳବାର ଟାଇଁସର ପଞ୍ଚାୟତ ଅନ୍ତର୍ଗତ କୁରଡ, ବିରହରଟୋଲି ଓ ପାଳକୁଦର ପଞ୍ଚାୟତର ତାଳଡିହି ଗ୍ରାମର ୫୦ଟି ପରିବାରକୁ 'ମିଶନ ଜୀବିକା' ଯୋଜନାରେ ୩୫ଟି ଲେଖାଏଁ କୁକୁଡା ଚିଆଁ, ଦାନା, ଡ୍ରିଙ୍କର ଏବଂ ଫିଡର ସମେତ କୁକୁଡା ଘର ମଧ୍ୟ ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଆଇଟିଡିଏର ସବଜେକ୍ଟ ମ୍ୟାଟର ସ୍ପେଶାଲିଷ୍ଟ ସୀମାରାଣୀ ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ନିମାଇଁ ଚରଣ ପଟ୍ଟନାୟକ ମୁଖ୍ୟଅତିଥି ଓ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସତ୍ୟବ୍ରତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ଆଇଟିଡିଏ ପକ୍ଷରୁ କୁକୁଡା ଚିଆଁ ଏବଂ ସାମଗ୍ରୀ ପ୍ରଦାନ କରିବା ସହ ଏଗୁଡିକର ବ୍ୟବହାର ଏବଂ କୁକୁଡା ଚିଆଁ ମାନଙ୍କର ଟିକାକରଣ ସମ୍ପର୍କରେବୁଝାଇଥିଲେ। ଶେଷରେ ଆଇଟିଡିଏର ଲାଇଭ୍ଲିହୁଡ୍ ଏକ୍ସପର୍ଟ ବିକାଶ ରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱଚ୍ଛତା ପାଇଁ ଆର୍‌ଏସ୍‌ପି ପ୍ରତିବଦ୍ଧ

**ରାଉରକେଲା ଅଫିସ,୭।୯**

ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ସ୍ୱଚ୍ଛ ଏବଂ ପ୍ରଦୂଷଣମୁକ୍ତ ପରିବେଶ ବଜାୟ ରଖିବାକୁ ପ୍ରୟାସ ଜାରିରଖିଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଅବଲମ୍ବନ କରିବା ଏବଂ ସମସ୍ତ ୟୁନିଟରେ ପ୍ରଦୂଷଣ ନିୟନ୍ତ୍ରଣ ଉପକରଣ ସ୍ଥାପନ ଭଳି ପଦକ୍ଷେପ ଆର୍‌ଏସ୍‌ପିକୁ ଭାରତର ଅନ୍ୟତମ ପରିବେଶ ଅନୁକୂଳ ଇସ୍ପାତ ଉତ୍ପାଦକ ଭାବେ ପରିଗଣିତ କରିଛି।

ଆର୍‌ଏସ୍‌ପି ପରିବେଶ ସୁରକ୍ଷା ପାଇଁ ଅତ୍ୟାଧୁନିକ ଶକ୍ତି ନିପୁଣ ଇସ୍ପାତ ପ୍ରସ୍ତୁତି ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିଆସୁଛି। ଆର୍‌ଏସ୍‌ପି ପ୍ରଥମ ଭାରତୀୟ ଇସ୍ପାତ କାରଖାନା ଭାବେ ୬୦ ଦଶକ ପ୍ରାରମ୍ଭରେ ଇସ୍ପାତ ନିର୍ମାଣରେ ବୈଷୟିକ ଜ୍ଞାନକୌଶଳ ଉପଯୋଗ ଆରମ୍ଭ କରିଥିଲା। ଯାହା ତତକାଳୀନ ଶକ୍ତି ନିପୁଣ ଏବଂ ପରିବେଶ ଅନୁକୂଳ କୌଶଳ ବିଦିତ ଥିଲା। ବିଗତ ୬୦ ବର୍ଷ ମଧ୍ୟରେ ଆରଏସପି ଏହାର ସୁବିଧା ଗୁଡିକର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ କରି ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ୪.୫ ନିୟୁତ ଟନ୍‌କୁ ବୃଦ୍ଧି କରିଛି। ଆଧୁନିକୀକରଣ ଏବଂ ସମ୍ପ୍ରସାରଣ କାଳରେ ଆର୍‌ଏସ୍‌ପି ବିଶ୍ୱରେ ଉପଲବ୍ଧ ସଦ୍ୟତମ ପରିବେଶ ଅନୁକୂଳ ଇସ୍ପାତ ପ୍ରସ୍ତୁତି ପ୍ରଯୁକ୍ତିବିଦ୍ୟା ହାସଲ କରିଛି। ସେହିପରି ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ଷ୍ଟିଲ ମେଲ୍ଟିଂ ସପ-୨ର ବିଓଏଫ-୩ରେ ଡଗ୍ ହାଉସ୍ ସିଷ୍ଟମ ଲଗାଯାଇଛି। ଅତ୍ୟାଧୁନିକ ପରିବେଶ ଅନୁକୂଳ ଇସ୍ପାତ ତିଆରି ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ସହିତ ଆରଏସପି ପ୍ରଦୂଷଣର ପ୍ରଭାବଶାଳୀ ନିୟନ୍ତ୍ରଣ ପାଇଁ ବିଭିନ୍ନ ପ୍ରଦୂଷଣ ନିୟନ୍ତ୍ରଣ ଉପକରଣ ମଧ୍ୟ ସ୍ଥାପନ କରିଛି। ଏହି ସମସ୍ତ ପରିବେଶ ଅନୁକୂଳ ପ୍ରୟାସ ମାଧ୍ୟମରେ ପିଏମ୍ ୨.୫ ଓ ପିଏମ ୧୦ସ୍ତର ଆହୁରି ହ୍ରାସ ପାଇବା ସହିତ ଷ୍ଟାକ ନିର୍ଗତ ହ୍ରାସ ହୋଇଛି। ପରିବେଶ ଉପରେ ଭାର କମ୍ ହେବା ସହ ବାୟୁର ମାନରେ ଅଧିକ ଉନ୍ନତି ସାଧିତ ହୋଇଛି। ବ୍ଲାଷ୍ଟ ଫର୍ଣ୍ଣେସ, କୋକ ଓଭେନ ଓ ବିକଳ୍ପ ଶକ୍ତିର ଉପଯୋଗ ଫଳରେ ଏକ ସ୍ୱଚ୍ଛ ପରିବେଶ ସୁନିଶ୍ଚିତ ହୋଇପାରିଛି ବୋଲି ଆର୍‌ଏସ୍‌ପି ପକ୍ଷରୁ କୁହାଯାଇଛି।

## ପ୍ରେମ ପ୍ରତାରଣା କରି ଦୁଇ ଯୁବକ କୋର୍ଟ ଚାଲାଣ

**ଲହୁଣୀପଡ଼ା,୭।୯(ଡି.ଏନ.ଏ.)**

ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଦୁଇ ଯୁବକଙ୍କୁ ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଲହୁଣୀପଡ଼ା ଥାନା ଅନ୍ତର୍ଗତ ଶୁଖପାଲି ଗ୍ରାମର ଶୁଶାନ୍ତ ମାହାନ୍ତ ନିକଟସ୍ଥ ଗ୍ରାମର ଜଣେ ଆଦିବାସୀ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବା ପରେ ବିବାହ କରିବା ପାଇଁ ଜିଦ୍ ଧରିବାରୁ ଶୁଶାନ୍ତ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ । ଯୁବତୀ ଜଣକ ନ୍ୟାୟ ପାଇବା ଆଶାରେ ଲହୁଣୀପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ଏହି ଥାନା ଅନ୍ତର୍ଗତ ସାଧୁ ବାହାଳ ଗ୍ରାମର ବିଶଜିତ ମାଝୀ ନିକଟସ୍ଥ ଗ୍ରାମର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିଲେ । ସମ୍ପୃକ୍ତ ଯୁବତୀଙ୍କ ପରିବାର ପକ୍ଷରୁ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଏକ ମାମଲା ରୁଜୁ କରିଛି।

# ସହରରେ ମାତିଛନ୍ତି ହେଲମେଟ୍ ଚୋର

**ରାଉରକେଲା ଅଫିସ,୭।୯**

**ଜନଗହଳି ସ୍ଥାନରୁ ହେଉଛି ଚୋରି**

ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ ସହରରେ ଗାଡିମୋଟର ଓ ହେଲମେଟ୍ ଯାଞ୍ଚକୁ କଡାକଡି କରାଯାଇଛି। ଫଳରେ ଲୋକେ ଟ୍ରାଫିକ ନିୟମ ମାନିବା ସହ ଅଧିକାଂଶ ବାଇକ ଚାଳକ୍ ହେଲମେଟ୍ ବ୍ୟବହାର କରୁଛନ୍ତି। କୌଣସି ଅଫିସ, ବ୍ୟାଙ୍କ କାର୍ଯ୍ୟ ଓ ମାର୍କେଟକୁ ଗଲାବେଳେ ସେମାନେ ହେଲମେଟକୁ ଗାଡ଼ିର ଅଇନା ସମ୍ମୁଖରେ ରଖିଯାଉଛନ୍ତି। ଏହାର ସୁଯୋଗ ନେଇ ଚୋରମାନେ ହେଲମେଟ ଚୋରି କରି ଫେରାର ମାରୁଛନ୍ତି। ଏଭଳି ହେଲମେଟ୍ ଚୋରଙ୍କୁ ସାବାଡ କରିବା ରାଉରକେଲା ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି।

ସୂଚନା ଅନୁସାରେ, ମଙ୍ଗଳବାର ରାଉରକେଲା ସହରର ଘନଶ୍ୟାମ ମହାନ୍ତି ପ୍ଲାଣ୍ଟସାଇଟ ରୋଡ୍‌କୁ ମାର୍କେଟିଂ କରିବାକୁ ଯାଇଥିଲେ। ସେ ରାସ୍ତାକଡ଼ରେ ବାଇକ ପାର୍କିଂ କରି ବାଇକ୍ ଉପରେ ହେଲମେଟ ରଖି ରାଶନ ସାମଗ୍ରୀ କିଣିବାକୁ ଗଲେ। ସେ ଆସିଲା ବେଳକୁ ସେଠାରୁ ତାଙ୍କ ହେଲମେଟକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲେ। ସେହିପରି ଉଦିତନଗର ଅଞ୍ଚଳର ମଙ୍ଗଳା ଓରାମ ତାଙ୍କ ବିଦ୍ୟୁତ ବିଲ୍ ପୈଠ କରିବାକୁ ପୁରୁଣାକୋଟ ସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଇଥିଲେ। ସେ ବାଇକରେ ହେଲମେଟ ରଖିଥିବାବେଳେ କେହି ତାଙ୍କ ହେଲମେଟ ଚୋରି କରି ନେଇଯାଇଛନ୍ତି। ଏ ନେଇ ସେ ଉଦିତନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଦୁର୍ବୃତ୍ତମାନେ ସହରର ଜନଗହଳି ସ୍ଥାନ, ସପିଂ ମଲ୍, ଡାକ୍ତରଖାନା ଆଦି ସ୍ଥାନରୁ ବିଭିନ୍ନ ସମୟରେ ହେଲମେଟ ଚୋରି କରୁଛନ୍ତି।

# ୪ ଥାକିଆ ଏନ୍‌ଏଚ୍‌ରେ ଫ୍ଲାଏ ଓଭର ନିର୍ମାଣ ଦାବି



ସରଣ୍ଡାମାଳଠାରେ ଆନ୍ଦୋଳନରତ ୪ ପଞ୍ଚାୟତବାସୀ।

**କୁଆଁରମୁଣ୍ଡା,୭।୯(ଡି.ଏନ.ଏ.)**

ବାରକୋଟରୁ ବୀରମିତ୍ରପୁର ପର୍ଯ୍ୟନ୍ତ ନୂତନ ଭାବେ ନିର୍ମାଣ କରାଯାଉଥିବା ୪ ଥାକିଆ ୧୪୩ ନମ୍ବର ଜାତୀୟ ରାଜପଥର କୁଆଁରମୁଣ୍ଡା ସରଣ୍ଡାମାଳଠାରେ ମଙ୍ଗଳବାର ଫ୍ଲାଏ ଓଭର ନିର୍ମାଣ ପାଇଁ ଦାବି କରିଛନ୍ତି ୪ ପଞ୍ଚାୟତବାସୀ। ପଦମପୁର, କୁଆଁରମୁଣ୍ଡା, ଡୁମେରଯୋର, ଜୟଡେଗା ପଞ୍ଚାୟତର ଶତାଧିକ ଗ୍ରାମବାସୀ ସରଣ୍ଡାମାଳସ୍ଥିତ ନିର୍ମାଣସ୍ଥଳୀକୁ ଆସି ୩ ଟି ଫ୍ଲାଏଓଭର ନିର୍ମାଣ ପାଇଁ ଦାବି କରିବା ସହ ରାଜପଥ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଏହି ଖବର ପାଇ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ଓ ଏକ ପ୍ଲାଟୁନ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ କୁଆଁରମୁଣ୍ଡା ତହସିଲଦାର ରାଜେଶ ସାହୁ ପହଞ୍ଚି ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ସହ ଏ ନେଇ ଉପରିସ୍ଥ ଅଧିକାରୀ ଓ ଏନଏଚଏଆଇ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ସରଣ୍ଡାମାଳରୁ ରାଜପଥର ଉଭୟ ପାର୍ଶ୍ୱରେ ୨ ଶହ ମିଟର ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏନଏଚଏଆଇ ୪ ପଞ୍ଚାୟତବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ ଖୁବଶୀଘ୍ର ସରଣ୍ଡାମାଳ, ବେଲଡିପାଠାରେ ଫ୍ଲାଏ ଓଭର ନିର୍ମାଣର ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ବାଧ ହୋଇ ପୁନର୍ବାର ପଞ୍ଚାୟତବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଏହି ଅବସରରେ ପ୍ରଶାସନକୁ ଅବଗତ କରିଛନ୍ତି। ଏହି ଆନ୍ଦୋଳନ ପଦମପୁର ସରପଞ୍ଚ ବିଜୟଲକ୍ଷ୍ମୀ କାଲୋଙ୍କ ନେତୃତ୍ୱରେ ହୋଇଥିଲା। କୁଆଁରମୁଣ୍ଡା ସରପଞ୍ଚ ସୁଷମା କାନ୍ତି କିଣ୍ଡୋ, ସମିତି ସଭ୍ୟ ରାଜେଶ ହାସଦା, ପୂର୍ବତନ ବିଧାୟକ ରେମିଶ କେର୍କେଟା, ଟୁଟିଟୋଲା ଗ୍ରାମ କିଷାନ ସମାଜର ସଭାପତି ଝିରଗା ଏକ୍କା, ଟିକେଶ୍ୱର କାଲୋ, ବିଜୟ କେର୍କେଟା, ଅର୍ଜ୍ଜୁନ ମିଞ୍ଜ, ଲକ୍ଷ୍ମୀଧର ସାହୁଙ୍କ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି ଆନ୍ଦୋଳନକୁ ସମର୍ଥନ କରିଥିଲେ।

## ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ ତାଲା ଖୋଲିଲା

**ରାଜଗାଙ୍ଗପୁର,୭।୯(ଡି.ଏନ.ଏ)**

ସୁନ୍ଦରଗଡ ଉପ ଜିଲାପାଳଙ୍କ ହସ୍ତକ୍ଷେପ ପରେ ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟର ତାଲା ଖୋଲାଯାଇଛି। ଦୁଇ ଦିନ ଧରି ବିଭିନ୍ନ ସମସ୍ୟାକୁ ନେଇ ସାପ୍ତାହିକ ବଜାର ଓ ପୌର କାର୍ଯ୍ୟାଳୟରେ ତାଲା ପକାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ସୁନ୍ଦରଗଡ଼ ଉପ ଜିଲାପାଳ ଅଭିମନ୍ୟୁ ବେହେରା, ରାଜଗାଙ୍ଗପୁର ଏସଡିପିଓ ଡା. ଶଶାଙ୍କ ଶେଖର ବେହୁରା, ତହସିଲଦାର ଶରତ ବାଗ, ଥାନାଧିକାରୀ ବିଭସ୍ ପ୍ରଧାନ ସ୍ଥାନୀୟ ଡ଼ାକବଙ୍ଗଳାରେ ଆଲୋଚନା କରିଥିଲେ। ପୌରପାଳିକା ସଫେଇ କର୍ମଚାରୀ ଓ ଆଉଟ ସୋର୍ସିଂ କର୍ମଚାରୀ ଉପସ୍ଥିତ ରହି ସେମାନଙ୍କ ଅଭିଯୋଗ ରଖିଥିଲେ। ପ୍ରଶାସନିକ ଅଧିକାରୀ ସାପ୍ତାହିକ ହାଟ ସମସ୍ୟା ଶୁଣି ସମାଧାନ ଲାଗି ପ୍ରତିଶ୍ରୁତି ଦେଇଥିଲେ। ପରେ ପୌର କାର୍ଯ୍ୟାଳୟ ଫାଟକରୁ ତାଲା ଖୋଲାଯାଇଥିଲା।

# ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କଲା ଆପ୍



ଆପ୍‌ରେ ଯୋଗ ଦେଇଥିବା କର୍ମକର୍ତ୍ତା।

**ରାଉରକେଲା ଅଫିସ, ୭।୯**

ଆମ ଆଦ୍‌ମୀ ପାର୍ଟିର ଜିଲା ସମ୍ପାଦକ ସନ୍ତୋଷ ବେହେରା ଓ ରାଉରକେଲା ବିଧାନସଭା କ୍ଷେତ୍ରର ଆବାହକ ଲମ୍ବୋଧର ମହାନ୍ତଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଚାଲିଛି। ଏହି ସମୟରେ ବିଭିନ୍ନ ଦଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଚାନ୍ଦ କିଶୋର ମିଶ୍ର, ରାଜ କିଶୋର ସାହୁ, ହରିଶ ଚନ୍ଦ୍ର ସିଂ, ନିର୍ମଳ ରାମଦାସ, ଜିତେନ୍ଦ୍ର ଗଉଡ ଓ ପ୍ରମୋଦ ପାଣ୍ଡେଙ୍କ ନେତୃତ୍ୱରେ ସାମିଲ ହୋଇଛନ୍ତି। ଆମ ଆଦ୍‌ମୀ ପାର୍ଟିର ଜିଲା ଆବାହକ ତଥା ଜାତୀୟ ପରିଷଦ ସଦସ୍ୟ ବିନୟ ତିୱାରୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ର ଯୁବକ ସଂଘ ସଭାପତି ଅମନ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ମୂଲ୍ୟବାନ କାଠ ସହ ଟ୍ରକ ଜବତ: ୫ କୋର୍ଟ ଚାଲାଣ

**ଲହୁଣୀପଡ଼ା,୭।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବାଙ୍କୀ ରେଞ୍ଜ ଅନ୍ତର୍ଗତ ମହୁପଦା ଜଙ୍ଗଲ ନିକଟରୁ କାଠ ବ୍ୟବସାୟୀମାନେ ମୂଲ୍ୟବାନ ଶାଳ କାଠ ଚୋରା ଚାଲାଣ କରୁଥିବା ବେଳେ ବନ ବିଭାଗ କର୍ମଚାରୀଙ୍କ ହାତରେ ୫ ଜଣ ଧରାପଡିଛନ୍ତି । ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଚୋରା ଚାଲାଣରେ ବ୍ୟବହୃତ ଟ୍ରକ ସହିତ କାଠ ଜବତ କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ମହୁପଦା ଜଙ୍ଗଲରୁ ଏକ ଟ୍ରକ (ଏନ୍‌ଏଲ ୦୩ଏଏ ୧୨୦୫ )ଯୋଗେ କାଠ ଚୋରାଚାଲାଣ ହେବା ଖବରପାଇ ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ଦିଲୀପ ସାହୁ , ରେଞ୍ଜର ଅଜୟ ଖେସଙ୍କ ନେତୃତ୍ୱରେ ବାଙ୍କୀ ଫରେଷ୍ଟର ସୁମନ୍ତ ପରିଡା, ରାଜାମୁଣ୍ଡା ଫରେଷ୍ଟର ପ୍ରଫୁଲ୍ଲ ସାଇଁ, କେ ବଲାଙ୍ଗ ଫରେଷ୍ଟର କପିଳେଶ୍ୱର ବେହେରା, ବନରକ୍ଷୀ ପ୍ରମୁଖ ମହୁପଦା ଛକରେ ଜଗି ରହିଥିଲେ। ମଙ୍ଗଳବାର ଭୋର ସମୟରେ ସେହି ବାଟ ଦେଇ ଟ୍ରକଟି ଆସିବା ସମୟରେ ବନ କର୍ମଚାରୀ ଚଢ଼ାଉ କରିଥିଲେ। ଫଳରେ ଗୁମଲା ଅଞ୍ଚଳର ମହମ୍ମଦ ସାୟଦ ଆନସାରି (୨୫), ସୟବ ଆନସାରି(୨୦), ଚଇତୁ ତାରକଡ଼(୨୮), ରଥୁ ବୋଦ୍ରା(୩୫), ବିଞ୍ଜରା ତାରକଡ଼(୨୦)ଙ୍କୁ ବନ ବିଭାଗ କର୍ମଚାରୀ ଗିରଫ କରିଥିଲେ। ଟ୍ରକରେ ଥିବା ଅନ୍ୟ କେତେଜଣ କୌଶଳକ୍ରମେ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ଶାଳ କାଠ ବୋଝେଇ ଏହି ଟ୍ରକକୁ ଜବତ କରାଯାଇ ବାଙ୍କି ବିଟ ହାଉସକୁ ନିଆଯାଇଛି। ଉକ୍ତ ଟ୍ରକରେ ୧୦୫ ଖଣ୍ଡ ମୂଲ୍ୟବାନ ଶାଳ କାଠ ବୋଝେଇ ହୋଇଥିଲା । ତାର ଆନୁମାନିକ ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। ଏହି ମୂଲ୍ୟବାନ କାଠ ଓଡିଶା ଝାରଖଣ୍ଡ ସୀମାନ୍ତ ଜଙ୍ଗଲରୁ କଟାଯାଇ ମହୁପଦା ରାସ୍ତାରେ ରାଉରକେଲାକୁ ଚୋରା ଚାଲାଣ ହେଉଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ବନ ବିଭାଗ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

# ଜିଲାସ୍ତରୀୟ ଆନ୍ତଃ ବ୍ଲକ ଫୁଟବଲ ଚାମ୍ପିୟନଶିପ୍

**ସୁନ୍ଦରଗଡ,୭।୯(ଡି.ଏନ.ଏ.)**



ଉଭୟ ଦଳର ଖେଳାଳି ଓ ଅତିଥି।

**ଫାଇନାଲରେ ସଦର ଓ କୋଇଡା ବ୍ଲକ**

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ ବ୍ଲକ ଫୁଟବଲ ଚାମ୍ପିୟାନଶିପ ଜୋନ୍ ୨ର ଖେଳ ମଙ୍ଗଳବାର ଶେଷ ହୋଇଛି । ଡୁମେରତାର ପ୍ରଗତି କ୍ଲବ ତତ୍ତ୍ୱାବଧାନରେ ବିଶ୍ରା ବ୍ଲକର ପ୍ରଗତି ମୈଦାନଠାରେ ମଙ୍ଗଳବାର କୋଇଡା ଫୁଟବଲ ସଂଘ ଓ ଲାଠିକଟାର ବାଗଲତା ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଉଭୟ ଦଳ ସମାନ ସ୍ଥିତିରେ ରହିବା ପରେ ପେନାଲ୍ଟି ସୁଟ୍ ଆଉଟ ମାଧ୍ୟମରେ କୋଇଡା ଦଳ ୪-୩ରେ ବିଜୟୀ ହୋଇ ଜିଲାସ୍ତରୀୟ ଫାଇନାଲକୁ ଉନ୍ନୀତ ହୋଇଛି। ଆସନ୍ତା ୯ ତାରିଖ ଗୁରୁବାର ସୁନ୍ଦରଗଡ ସଦର ବ୍ଲକର କିଂଜିର୍ମା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଫାଇନାଲ ଖେଳ ସଦର ବ୍ଲକର ଭବାନୀପୁର ଫୁଟବଲ କ୍ଲବ ଓ କୋଇଡା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ଏହି ଚାମ୍ପିୟାନଶିପ୍‌ରେ ଜିଲାର ୧୭ଟି ବ୍ଲକରେ ୪୦୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିବା ବେଳେ ୩୧୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଜିଲାର ୭ହଜାରରୁ ଊର୍ଦ୍ଧ୍ୱ ଖେଳାଳି ଯୋଗ ଦେଇଥିଲେ । ମଙ୍ଗଳବାର ପ୍ରଗତି ମୈଦାନ ଠାରେ ଅନୁଷ୍ଠିତ ମ୍ୟାଚରେ ମୁଖ୍ୟଅତିଥି ଭାବେ ରାଉରକେଲା ସେଲର ଆସିଷ୍ଟାଣ୍ଟ ମ୍ୟାନେଜର (ସ୍ପୋର୍ଟସ୍) ରଘୁନନ୍ଦନ ପାଢୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ସଂସଦର ଉପସଭାପତି ଜିତେନ୍ଦ୍ର ନାଥ ମାହୋତୋ, ରାଧାମୋହନ ନାୟକ, ଜୟଦେବ ପାତ୍ର, ଜିଲା ଫୁଟବଲ ସଂପାଦକ ନିତ୍ୟ କୁମାର ବଳ, ପ୍ରସାଦ ନାଏକ ଯୋଗ ଦେଇଥିଲେ। ରେଫରି ଜି ସୁରେଶ କୁମାର, ହେମନ୍ତ ଦାସ, କୁନୁ ନାଏକ ଓ ରୋଶନ ଖାନ୍ ମ୍ୟାଚ ପରିଚାଳନା କରିଥିଲେ। ପ୍ରଗତି କ୍ଲବର ସଭାପତି ରବି ନାରାୟଣ ମାଝୀ, ସଂପାଦକ ସୁଲେଜର ଓରାମଙ୍କ ତତ୍ତ୍ୱାବଧାନରେ ମ୍ୟାଚ ହୋଇଥିଲା।

## ଜୁଆ ଆଡ୍ଡାରେ ଚଢ଼ାଉ: ୬ ଗିରଫ

ଝାରସୁଗୁଡ଼ା ଅଫିସ: ଝାରସୁଗୁଡ଼ା ଟାଉନ ଥାନା ପୁରୁଣାବସ୍ତି ଶୁଖୁଆ ଗୋଦାମ ନିକଟରେ ଜୁଆଖେଳ ଚାଲିଥିବା ବେଳେ ପୋଲିସ ସୋମବାର ସନ୍ଧ୍ୟାରେ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତେଲିଭଟାର ସୌରଭ ମହମ୍ମଦ (୨୭), ପାୱାର ହାଉସ ଗାୟତ୍ରୀ ନଗରର ସୁମନ ପ୍ରସାଦ ସା (୨୬), ପୁରୁଣାବସ୍ତି ଓରାମ ପଡାର ପବନ ସା (୩୯), ମଙ୍ଗଳ ବଜାରର ମହମ୍ମଦ ଇଦୁଲ (୨୬), ମହମ୍ମଦ ସମିମ (୩୭), ପୁରୁଣାବସ୍ତି ବାବୁପଡାର ବି ସତ୍ୟ ନାରାୟଣ (୫୮)। ଏମାନଙ୍କ ନିକଟରୁ ପୋଲିସ ନଗଦ ୨୧ହଜାର ୭ଶହ ଟଙ୍କା ସହ ୪ ମୋବାଇଲ ଜବତ କରିଛି। ଏ ନେଇ ପୋଲିସ ଝାରସୁଗୁଡ଼ା ଟାଉନ ଥାନା କେସ୍ ନଂ ୪୪୮/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ସଂକ୍ଷେପରେ

## ସମ୍ବଲପୁର ଝିଅ ବିରଜାଙ୍କ ସଫଳତା




ସମ୍ବଲପୁର,୭।୯(ବ୍ୟୁରୋ): ଜାତୀୟ ସ୍ତରୀୟ ଟିନ୍ ବ୍ୟୁଟି ଆଇକନ୍ ଅଫ୍ ଇଣ୍ଡିଆ ପ୍ରତିଯୋଗିତାରେ ସମ୍ବଲପୁର ଝିଅ ବିରଜା ନନ୍ଦିନୀ ସାହୁ ଭାଗ ନେଇ ସଫଳତା ହାସଲ କରିଛନ୍ତି। ଛତିଶଗଡ଼ର ରାୟପୁରଠାରେ ହୋଇଥିବା ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଭାଗ ନେଇଥିବା ସୁନ୍ଦରୀମାନଙ୍କୁ ପଛରେ ପକାଇ ନନ୍ଦିନୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରାୟପୁର ଅର୍ନା ଫାଉଣ୍ଡେଶନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ନାରୀ ସଶକ୍ତୀକରଣ, ବେଟି ବଚାଓ ବେଟି ପଢାଓ, ସ୍ୱଚ୍ଛ ଭାରତ, ତମାଖୁ ବର୍ଜନ ଓ ଭାରତୀୟ ସଂସ୍କୃତି ପ୍ରଭୃତି ବିଷୟକୁ ନେଇ ପ୍ରତିଯୋଗିତା ହୋଇଥିଲା। ବିରଜା ସମ୍ବଲପୁର ସାକ୍ଷୀପଡାସ୍ଥିତ ସେଣ୍ଟ ଯୋସେଫ କନ୍ଭେଣ୍ଟ ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ ଅଟନ୍ତି। ଛୋଟବେଳୁ ସେ ବିଭିନ୍ନ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ହାସଲ କରିଛନ୍ତି। ଏହି ସଫଳତା ପାଇଁ ମଙ୍ଗଳବାର ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ସ୍କୁଲ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

## ଗୁଡେ଼ଶ୍ୱର ଶିବ ମନ୍ଦିରରେ ବୃକ୍ଷରୋପଣ

ସମ୍ବଲପୁର,୭।୯(ବ୍ୟୁରୋ): ସମ୍ବଲପୁର ଦୁର୍ଗାପାଲି ଗୁଡେଶ୍ୱର ଶିବ ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲଳିତ ଅଗ୍ରୱାଲ ଓ ଏସ୍ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା ଓ ପ୍ରମିଳା ବହିଦାର, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ସମ୍ବଲପୁର ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ, ଡାକ୍ତର ବିମଳ ପଣ୍ଡା, ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ଗୌରୀଶଙ୍କର ଦାଶ, ହରିଶ ଅଗ୍ରୱାଲ, ରାଜ କୁମାର ମହାପାତ୍ର, ରାଜେନ୍ଦ୍ର ହୋତା, ସତ୍ୟ ମେହେର ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ।

## ଜମନକିରା ସ୍ୱାସ୍ଥ୍ୟକେନ୍ଦ୍ରରେ ମାନସିକ ରୋଗୀଙ୍କ ଚିକିତ୍ସା

ଜମନକିରା, ୭।୯(ଡି.ଏନ.ଏ.): ଜମନକିରା ବ୍ଲକ୍ ସଦର ମହକୁମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନସିକ ରୋଗୀଙ୍କ ଚିକିତ୍ସା କରାଯାଇଛି। ଏଥିରେ ମୋଟ ୨୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଛି। ଫାଶିମାଲ ସିଏଚ୍‌ସି ଭାରପ୍ରାପ୍ତ ଅଧିକାରୀ ଡା. ଶରତ ଚନ୍ଦ୍ର ଦେହୁରି ଏହାର ଶୁଭାରମ୍ଭ କରିଥିଲେ। ସମ୍ବଲପୁରରୁ ଡା. ଚିତ୍ତରଞ୍ଜନ ଦେହୁରି, ଆକାଂକ୍ଷା ମିଶ୍ର, ଅମ୍ରିତା, ପ୍ରିତମ ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକ୍ ପ୍ରୋଗ୍ରାମ ପରିଚାଳକ ଜିତେନ୍ଦ୍ର କୁମାର ନନ୍ଦ ସହଯୋଗ କରିଥିଲେ।

# ୯ଦିନ ବିତିଲା ପୋଲିସ ହାତ ଖାଲି

**ରାଶିବେଡାରେ ଜବତ ସାର ଚୋରି ଘଟଣା**

**■ ଅନୁଗୋଳ ମାର୍କଫେଡ୍ ଦେଇନି ଉତ୍ତର**

ସମ୍ବଲପୁର,୭।୯(ବ୍ୟୁରୋ)

ସମ୍ବଲପୁର ଜିଲା ଚାରମାଲ ଥାନା ରାଶିବେଡା ଗ୍ରାମର କ୍ଷମାସାଗର ସ୍ୱାଇଁଙ୍କ ଗୋଦାମରୁ କୃଷି ବିଭାଗ ଅଗଷ୍ଟ ୨୮ରେ ୫୬୦ ବସ୍ତା ୟୁରିଆ ସାର ଜବତ କରିଥିଲା। ହେଲେ ଏହି ସାର ବିଳମ୍ବିତ ରାତିରେ ଚୋରି ହୋଇଯାଇଥିଲା। ଘଟଣା ପରେ ମାର୍କଫେଡ, ଡିଲର, କୃଷି ବିଭାଗ କାଠଗଡାକୁ ଆସି ଯାଇଥିଲେ। ପୂର୍ବରୁ କୃଷି ବିଭାଗ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ଚାରମାଲ ଥାନାରେ ସାର ଚୋରି ନେଇ ଅଭିଯୋଗ କରିଥିଲେ। ଏହାସହ ସମ୍ବଲପୁର ଓ ଅନୁଗୋଳ ମାର୍କଫେଡକୁ ସାର ବାବଦରେ ଜଣାଇବାକୁ ଚିଠି କରିଥିଲେ। ଏବେ ସମ୍ବଲପୁର ମାର୍କଫେଡ କୃଷି ବିଭାଗକୁ ଉତ୍ତର ଦେଇ ଘଟଣାରେ ସମ୍ପୃକ୍ତ ନ ଥିବା କହିଛି। ଏଥିରେ ଦର୍ଶାଯାଇଛି ଜବତ ହୋଇଥିବା ସାର ଅନିମା ସିଡ୍‌ସ ନାମକ ଡିଲରକୁ ଦିଆଯାଇ ନାହିଁ କିମ୍ବା ସେଠାରୁ ଆସି ନାହିଁ। ହେଲେ ଅନୁଗୋଳ ମାର୍କଫେଡ ପକ୍ଷରୁ କୌଣସି ଉତ୍ତର ଆସି ନାହିଁ।

ସମ୍ବଲପୁର ଜିଲା କୃଷି ଅଧିକାରୀ ଅଧୀନରେ ଡିଲର ଆସୁଥିବାରୁ ଏକ ଟିମ୍ ଏହାର ଯାଞ୍ଚ କରୁଛନ୍ତି। ଡିଲର ଷ୍ଟକ, ରସିଦ ନମ୍ବର, କେଉଁ ସ୍ଥାନକୁ ସାର ଯାଇଥିଲା, ସେଠାରେ ଅନ୍‌ଲୋଡ ହେଲା କି ନାହିଁ, ଯଦି ଅନ୍‌ଲୋଡ ନ ହେଲା ଡିଲର ଓ ଅନୁଗୋଳ ମାର୍କଫେଡ ପକ୍ଷରୁ କାହିଁକି ଅଭିଯୋଗ କରାଗଲା ନାହିଁ ଆଦିକୁ ନେଇ ତଦନ୍ତ କରାଯାଉଛି। ଅନିମା ସିଡ୍‌ସ ନାମକ ଡିଲର କିଭଳି ପ୍ରାୟ ଦେଢମାସ ଚୁପ ବସି ଯାଇଥିଲେ ସେ ନେଇ ମଧ ସନ୍ଦେହ ସୃଷ୍ଟି ହୋଇଛି। ଡିଲର ପକ୍ଷରୁ ମଧ ଜବତ ସାରରେ ତାଙ୍କର ସମ୍ପୃକ୍ତି ନ ଥିବା କୁହାଯାଇଛି। ଅନ୍ୟପଟେ କୃଷି ବିଭାଗର ଅଭିଯୋଗ କ୍ରମେ ସରକାରୀ ସମ୍ପତ୍ତି ଚୋରି କରିବା, ଅତ୍ୟାବଶ୍ୟକ ସାମଗ୍ରୀ ହଡପ କରିବା ଭଳି ସଙ୍ଗିନ ଦଫାରେ ଚାରମାଲା ଥାନାରେ ୧୨୬/୨୧ରେ ମାମଲା ରୁଜୁ ହୋଇଛି। ଘଟଣାକୁ ୯ ଦିନ ବିତିଯାଇଥିଲେ ମଧ ପୋଲିସ ହାତ ଖାଲି ରହିଛି। ପୋଲିସ ଘଟଣାକୁ ହାଲୁକା ଭାବେ ନେଇଥିବା ଅଭିଯୋଗ ହେଉଛି। ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି। ଏପଟେ ୟୁରିଆ ସାର ଅଭାବ ରହିଥିବା ବେଳେ ଏତେ ପରିମାଣ ସାର କିଭଳି କଳାବଜାର ହେଉଥିଲା। ପୁଣି କୃଷି ବିଭାଗ ସାର ଜବତ କରିବା ପରେ ମଧ ଚୋରି ହୋଇଗଲା। ଏଭଳି ଘଟଣା ପୂରା ବ୍ୟବସ୍ଥା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସୂଚନାଯୋଗ୍ୟ ଅଗଷ୍ଟ ୨୮ରେ କୃଷି ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଚଢାଉ କରିଥିଲା। ଚଢାଉ ସମୟରେ ଅନିମା ସିଡ୍‌ସ ନାମକ ଡିଲର ପାଖରୁ ଟ୍ରକ୍ ନଂ.ଓଡି୧୪ଆର-୧୦୫୦ରେ ୨୭.୯ ମେଟ୍ରିକ୍‌ଟନ ଅର୍ଥାତ୍ ୬୨୦ ବସ୍ତା ଏବଂ ଓଡି୧୪ଆର-୨୦୫୦ନଂ. ଟ୍ରକ୍‌ରେ ୨୭.୯ ମେଟ୍ରିକ୍‌ଟନ ଅର୍ଥାତ୍ ୬୨୦ ବସ୍ତା ସାର ଅନୁଗୋଳ ମାର୍କଫେଡକୁ ଯାଇଥିବା ଦର୍ଶାଯାଇଥିଲା। ସମସ୍ତେ ମିଳିମିଶି କିଭଳି ସାର କଳାବଜାର କରୁଛନ୍ତି ତାହାର ଏକ ଉଦାହରଣ ବୋଲି ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଆଶୋକ ପ୍ରଧାନ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ରେଢାଖୋଲ କୃଷି ଜିଲା ଅଧିକାରୀ ଦିଲୀପ ନାଏକ କହିଛନ୍ତି, ବିଭାଗ ସ୍ତରରେ ଓ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି। ଅଭିଯୁକ୍ତ କ୍ଷମାସଗାର ସ୍ୱାଇଁ ଓ ତାଙ୍କ ବାପା ତ୍ରିଲୋଚନ ସ୍ୱାଇଁଙ୍କ ନାମରେ ମାମଲା ରୁଜୁ ହୋଇଛି। ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦଳୀୟ ନୁହେଁ ସରକାରୀ ସ୍ତରରେ ସଂରକ୍ଷଣ ଦାବି




ଜିଲା ଭାଜପା କାର୍ଯ୍ୟାଳୟରେ ସୂଚନା ଦିଆଯାଉଛି।

ସମ୍ବଲପୁର,୭।୯(ବ୍ୟୁରୋ)

ରାଜ୍ୟ ସରକାର ଓବିସିକୁ ଅଣଦେଖା କରୁଛନ୍ତି। ଫଳରେ ସେମାନେ ଶିକ୍ଷା, ନିଯୁକ୍ତି, ରାଜନୀତି ଆଦି କ୍ଷେତ୍ରରେ ଅବହେଳିତ ହେଉଛନ୍ତି। ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଘୋଷଣା କରୁଛନ୍ତି। ହେଲେ ଏହାକୁ ଦଳୀୟ ଭିତ୍ତିରେ ନ କରି ସରକାରୀ ସ୍ତରରେ କରାଯାଉ। ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣ ଦିଅନ୍ତୁ ବୋଲି କଚେରିସ୍ଥିତ ଭାଜପା କାର୍ଯ୍ୟାଳୟରେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ସେ ଆହୁରି କହିଥିଲେ, ପଛୁଆବର୍ଗ ପାଇଁ ସାମାଜିକ, ଆର୍ଥିକ, ଅର୍ଥନୈତିକ, ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ କମିଶନଙ୍କ ସୁପାରିଶ ରାଜ୍ୟରେ ଲାଗୁ କରାଯାଉ ନାହିଁ। ୨୭ ପ୍ରତିଶତ ଦେବା ଦୂରର କଥା, ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହୋଇଛନ୍ତି। ୨୦୨୦ରେ ପଛୁଆବର୍ଗ ପାଇଁ ବିଧାନସଭାରେ ପାରିତ ହୋଇଥିଲା। ପଛୁଆ ବର୍ଗରେ ୨୧୦ ଜାତି/ଉପଜାତି ଅଛନ୍ତି। ଅନେକ ତାଲିକାଭୁକ୍ତ ହୋଇ ନାହାନ୍ତି। ନୂତନ ଭାବେ କେଉଁ ଜାତିକୁ ମିଶାଯିବ ତାହା ରାଜ୍ୟ ସରକାରଙ୍କ ଦାୟିତ୍ୱ। ରାଜ୍ୟ ସରକାର ନିଜର ଅପାରଗତାକୁ ଲୁଚାଇବା ପାଇଁ ବିଭିନ୍ନ ସମୟରେ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଥିବା ସେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଜ୍ଞାନେନ୍ଦ୍ର ସ୍ୱାଇଁ, ସିଦ୍ଧାର୍ଥ ଶଙ୍କର ପତି, ସଂଗ୍ରାମ କେଶରୀ ନାଏକ, ରମେଶ ପ୍ରଧାନ, ଅନପୂର୍ଣ୍ଣା ବାରିକ, ସୁଷମା ସାହୁ ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ



ଲଖନପୁର ପ୍ରୋଜେକ୍ଟ ଅଫିସ ସମ୍ମୁଖରେ ଧାରଣା ଦେଇଥିବା ଯୁବକମାନେ।

ଝାରସୁଗୁଡ଼ା ଅଫିସ,୭।୯

ସ୍ଥାନୀୟ ବେକାର ଯୁବକମାନେ ଏମ୍‌ସିଏଲ୍ ଠିକାସଂସ୍ଥାରେ ନିଯୁକ୍ତି ଦାବିକରି ଗତ ୧୯ତାରିଖରୁ ଲଖନପୁର ଖୋଲାମୁହଁ କୋଇଲାଖଣି ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଦୀର୍ଘ ୧୯ଦିନ ପରେ ଖଣି କର୍ତ୍ତୃପକ୍ଷ ଓ ଠିକାସଂସ୍ଥା କର୍ତ୍ତୃପକ୍ଷ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ସହ ଆଲୋଚନା କରି ପ୍ରତିଶ୍ରୁତି ଦେବାପରେ ସୋମବାର ରାତିରେ ଧାରଣା ପ୍ରତ୍ୟାହୃତ ହୋଇଛି। ଏହି ଆଲୋଚନାରେ ଖଣି ପ୍ରକଳ୍ପ ଅଧିକାରୀ ବୀରେନ୍ଦ୍ର କୁମାର ସିଂହ, ଶାହା କୋଲ୍ ଠିକାସଂସ୍ଥା ପ୍ରୋଜେକ୍ଟ ମ୍ୟାନେଜର ତେଜେଶ୍ୱର ସିଂହ, ଏସ୍‌ଡିପିଓ ଦିଲୀପ ଦାସ, ଲଖନପୁର ଥାନା ଆଇଆଇସି ଦୁଃଖୀନ୍ଦ୍ର ସାହୁ, ଆନ୍ଦୋଳନକାରୀଙ୍କ ତରଫରୁ ଘନଶ୍ୟାମ କିଷାନ, ଇମିଲ୍ ନାଗ୍, ଧନଞ୍ଜୟ କିଷାନ, ଅଜୟ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଆନ୍ଦୋଳନକାରୀଙ୍କ ଦାବିଥିଲା ସ୍ଥାନୀୟ ଲୋକେ କୋଇଲା ଖଣିପାଇଁ ଜମି ଓ ଭିଟାମାଟି ଆଦି ହରାଇ ବିସ୍ଥାପିତ ହୋଇଛନ୍ତି। ସେମାନଙ୍କୁ କମ୍ପାନୀର ଠିକାସଂସ୍ଥାରେ ନିଯୁକ୍ତି ଦିଆ ନ ଯାଇ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଉଛି। ଫଳରେ ସେମାନେ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଛନ୍ତି। ଠିକା ସଂସ୍ଥାରେ ଡ୍ରାଇଭର୍, ହେଲ୍‌ପର୍, ସୁପରଭାଇଜର୍ ଆଦି କାମ ଯୋଗାଇଦେବା ପାଇଁ ଦାବି କରିଥିଲେ। ଖଣି କର୍ତ୍ତୃପକ୍ଷ କହିଛନ୍ତି, ପର୍ଯ୍ୟାୟକ୍ରମେ ଡ୍ରାଇଭର ନିଯୁକ୍ତି ଦିଆଯିବା ସହ ଅନ୍ୟାନ ପଦବୀ ଆବଶ୍ୟକ ଅନୁଯାୟୀ ପୂରଣ କରାଯିବ।

## ମୃତକଙ୍କ ପରିବାରକୁ ସହାୟତା

ଝାରସୁଗୁଡ଼ା ଅଫିସ,୭।୯

ଝାରସୁଗୁଡ଼ା ଏଲ୍‌ଆଇସି କାର୍ଯ୍ୟାଳୟ ପରିସରରେ ଏଜେଣ୍ଟ ସଂଘ ତରଫରୁ ଏଜେଣ୍ଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏଜେଣ୍ଟ ସ୍ୱର୍ଗତ ପ୍ରଭାତ ଧୁରୁଆ ଓ ଆର୍ତ୍ତବନ୍ଧୁ ପ୍ରଧାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଉଭୟ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସ୍ୱର୍ଗତ ଧୁରୁଆଙ୍କ ଝିଅ ଜ୍ୟୋତିଙ୍କ ପାଠ ପଢାଇବା ଦାୟିତ୍ୱ ସଂଘ ବହନ କରିବ ବୋଲି ବୈଠକରେ ଘୋଷଣା କରାଯାଇଥିଲା। ସଂଘର ଏଭଳି କାର୍ଯ୍ୟ ପାଇଁ ଉକ୍ତ ପରିବାର କୃତଜ୍ଞତା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସଂଘ ସଭାପତି ଗଙ୍ଗାଧର ପ୍ରଧାନ, ଉପସଭାପତି ନରେଶ ଝରିଆ, ବାସୁଦେବ ମଲ୍ଲିକ, ସମ୍ପାଦକ ଅବଦୁଲ୍ ଖାଲେସା, ସହସମ୍ପାଦକ ପ୍ରଦୀପ ରଣା, କୋଷାଧ୍ୟକ୍ଷ ବୁଦ୍ଧଦେବ ବାଗ୍ ପ୍ରମୁଖ ଉପସ୍ଥିତ ଥିଲେ।

## ରବି ଦାସ ସମାଜର ସାଙ୍ଗଠନିକ ବୈଠକ

ପଡିଆବାହାଲ,୭।୯(ଡି.ଏନ.ଏ.)

ଜମନକିରା ବ୍ଲକ ମୁଁଢେନପାଲି ପଞ୍ଚାୟତ ପଧାନପାଲି ଗ୍ରାମରେ ସୋମବାର ରବି ଦାସ ସମାଜର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସନ୍ଥ ଗୁରୁ ରବି ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା ଆରମ୍ଭ ହୋଇଥିଲା। ସମାଜର ବିଭିନ୍ନ କାର୍ଯ୍ୟ ନିଶା ନିବାରଣ, ଛାତ୍ରୀଛାତ୍ରଙ୍କ ଶିକ୍ଷା ଆଦି ବିଷୟରେ ଆଲୋଚନା ପରେ ପଞ୍ଚାୟତର ନୂତନ କମିଟି ଗଠନ କରାଯାଇଥିଲା। ବେଣୁଧର ରୋହିଦାସ ସଭାପତି, କିଶୋର ରୋହିଦାସ ଉପସଭାପତି, ମନୋଜ ରୋହିଦାସ ସମ୍ପାଦକ, ଭୁବନେଶ୍ୱର ରୋହିଦାସ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ବୈଠକରେ ସମାଜ ସମ୍ବଲପୁର ଜିଲା କମିଟି ସଭାପତି କେଶବ ରୋହିଦାସ, ଉପସଭାପତି ଗୋପୀନାଥ ରୋହିଦାସ, ସମ୍ପାଦକ ଯୁଧିଷ୍ଠିର ରୋହିଦାସ, କୋଷାଧକ୍ଷ ସନାତନ କେନ୍ଦୁ, ଜମନକିରା ବ୍ଲକ କମିଟି ସଭାପତି ରତନ ମେହେର, ଉପସଭାପତି ଅନିରୁଦ୍ଧ ରୋହିଦାସ, କୋଷାଧକ୍ଷ ଲୋକନାଥ ରୋହିଦାସ ଉପସ୍ଥିତ ଥିଲେ।

## ଶୁଖିଲା ପଡ଼ିଛି ଡ୍ୟାମ୍, ଚାଷ ପ୍ରଭାବିତ



ବର୍ଷା ଅଭାବରୁ ବାଙ୍କଶାଳ ଡ୍ୟାମ ଶୁଖିଲା ପଡିଛି।

ଜମନକିରା, ୭।୯(ଡି.ଏନ.ଏ.)

ବର୍ଷା ଅଭାବରୁ ଜମନକିରା ବ୍ଲକ୍ ଗୁଣ୍ଡୁରୁଚୁଆଁ ପଞ୍ଚାୟତ ବାଙ୍କଶାଳ ଡ୍ୟାମ୍ ଶୁଖିଲା ପଡିଛି। ଫଳରେ ଡ୍ୟାମ୍ ନିକଟ ଅଞ୍ଚଳ ଚାଷ ପ୍ରଭାବିତ ହୋଇଛି। ଗୁଣ୍ଡୁରୁଚୁଆଁ ଶ୍ରୀଲକ୍ଷ୍ମୀ ପାଣି ପଞ୍ଚାୟତର ସଭ୍ୟ ଅଶୋକ କୁମାର ପଟେଲଙ୍କ ଆବାହକତ୍ୱରେ ସୋମବାର ସ୍ଥାନୀୟ ରାଜୀବ ଭବନଠାରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ଥାୟୀ ସଭାପତି ଅଲେଖ ନାରାୟଣ ପଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ବାଙ୍କଶାଳ ଡ୍ୟାମରେ କମ୍ ପାଣି ଥିବାରୁ କେନାଲରେ ଯୋଗାଣ ହୋଇପାରୁନାହିଁ। ଏଥିଯୋଗୁ ଚାଷୀଙ୍କ ଧାନଜମି ଫାଟିଗଲାଣି। ତେଣୁ ଅଞ୍ଚଳକୁ ମରୁଡ଼ି ଘୋଷଣା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇଦେବା ନେଇ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପାଣି ପଞ୍ଚାୟତର ସଭାପତି ପଟେଲଙ୍କ ସମେତ ଆକାଶ ପଟେଲ, ଜଗଦୀଶ ପାଣିଗ୍ରାହୀ, ସୁମିତ ପଟେଲ, ବବି ପଟେଲ, ସୁଶିଲ ନାଏକ, ସୁବାସ ଚନ୍ଦ୍ର ପଟେଲ, ସୁଦର୍ଶନ କିସାନ, ଅଞ୍ଜଳି ପଟେଲ ପ୍ରମୁଖ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ଯୁବଗୋଷ୍ଠୀଙ୍କୁ ଏକାଠି ରଖିବାର ପ୍ରୟାସ



ନାଳରୁ ଜଣେ ଲୋକ କଙ୍କଡ଼ା ଧରୁଛନ୍ତି।

ସମ୍ବଲପୁର,୭।୯(ବ୍ୟୁରୋ)

**କଙ୍କଡ଼ା ଧରିବା ପ୍ରତିଯୋଗିତା ଭିଡିଓ ଭାଇରାଲ**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ଧାରୀ ଗ୍ରାମର ଯୁବକମାନେ ଏକତାର ବାର୍ତ୍ତା ଦେଇଛନ୍ତି। ଗତ ରବିବାର ସେମାନେ ସ୍ଥାନୀୟ ଫଟାଟାଙ୍ଗର ନାଳକୁ ବଣଭୋଜି କରିବାକୁ ଯାଇଥିଲେ। ଉକ୍ତ ନାଳରେ କଙ୍କଡା ଧରିବାର ଏକ ପ୍ରତିଯୋଗିତା କରିଥିଲେ। ଗ୍ରାମର ସଞ୍ଜୀବ ବିଶ୍ୱାଳ ଏହାର ଭିଡିଓ କରି ସାମାଜିକ ଗଣମାଧମରେ ପୋଷ୍ଟ କରିଥିଲେ। ପ୍ରତିଯୋଗିତାରେ ପ୍ରାୟ ୩୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଗ୍ରାମର କେସବ ମିର୍ଦ୍ଧା ସର୍ବାଧିକ ୧୮ଟି କଙ୍କଡା ଧରି ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କୁ ପୁରସ୍କାର ବାବଦକୁ ୫ ହଜାର ଟଙ୍କା ଦିଆଯାଇଥିଲା। ପରେ ବଣଭୋଜିରେ କଙ୍କଡା ରୋଷେଇ କରି ଏକାଠି ଖାଇଥିଲେ। ଏହା ମାଧ୍ୟମରେ ବିଲୁପ୍ତ ପ୍ରାୟ ଖେଳକୁ ପୁଣି ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯାଇଛି ବୋଲି ଯୁବକମାନେ କହିଛନ୍ତି। ପ୍ରତିଯୋଗିତା ଆୟୋଜନରେ ବୁଲୁ ବିଶ୍ୱାଳ, ବଲ୍ଲଭ ପ୍ରଧାନ, ଅଭିମନ୍ୟୁ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ଶିଳ୍ପାନୁଷ୍ଠାନରେ ଦୁର୍ଘଟଣା ରୋକିବା ଉପରେ ଗୁରୁତ୍ୱ

ଝାରସୁଗୁଡ଼ା ଅଫିସ,୭।୯

ଝାରସୁଗୁଡ଼ା ଜିଲାରେ ଗଢିଉଠିଥିବା ବିଭିନ୍ନ କଳକାରଖାନାରେ ରାସାୟନିକ ପଦାର୍ଥ ଜନିତ ଆକସ୍ମିକ ଦୁର୍ଘଟଣାକୁ ପ୍ରତିରୋଧ କରିବା ସହ ଏହାର ପ୍ରଭାବ ହ୍ରାସ କରିବା ପାଇଁ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସାମଲ ଜିଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ତରଫରୁ ନିର୍ଦ୍ଧାରିତ ଅଫ୍‌ସାଇଟ୍ ଇମରଜେନ୍ସି ପ୍ଲାନ୍‌ର ସଠିକ୍ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିବା ସହ ଶିଳ୍ପାନୁଷ୍ଠାନ ନିୟମିତ ନିଜର ଷ୍ଟୋରେଜ୍ ସାଇଟ୍ ତଦାରଖ କରିବା ପାଇଁ ପରାମର୍ଶ ଦେଇଥିଲେ। କଳକାରଖାନା ବାହାରେ ବସବାସ କରୁଥିବା ଅଧିବାସୀ ଦୁର୍ଘଟଣା ଦ୍ୱାରା ଯେପରି ପ୍ରଭାବିତ ନ ହୁଅନ୍ତି ସେ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ ପାଇଁ ସେ ଶିଳ୍ପାନୁଷ୍ଠାନ ପରିଚାଳକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଓପିଜିସି, ଏମ୍‌ଏଚ୍, ଆଇଓସିଏଲ୍ ବର୍ଟ୍ଲିଂ ପ୍ଲାଣ୍ଟ, ବେଦାନ୍ତ ଆଦି କମ୍ପାନୀର ଅଧିକାରୀମାନେ ଯୋଗଦେଇଥିଲେ । ଫ୍ୟାକ୍ଟ୍ରି ଓ ବୟଲର ସହକାରୀ ନର୍ଦ୍ଦେଶକ ମନୋଜ କୁମାର ମିଶ୍ର, ଫ୍ୟାକ୍ଟ୍ରି ସହକାରୀ ନିର୍ଦ୍ଦେଶକ ବେଦ ପ୍ରକାଶ, ସୁରେନ୍ଦ୍ର ବର୍ମା, ସିଏସ୍‌ଓ ଉମେଶ ଚନ୍ଦ୍ର ସ୍ୱାଇଁ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଅଶୋକ କୁମାର ଭୋଇ, ଏଆର୍‌ଏମ୍(ରେଳବାଇ) ଓଡିପିଓ ସଙ୍ଗିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ ଧନ୍ୟବାଦ ଦେଇଥିଲେ।

# ଗୁରୁବନ୍ଦନା କାର୍ଯ୍ୟକ୍ରମ: ୫୦ ଗୁରୁ ସମ୍ବର୍ଦ୍ଧିତ

ସମ୍ବଲପୁର,୭।୯(ବ୍ୟୁରୋ)

ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ସମାଜିକ ସଂକଳ୍ପ ଅନୁଷ୍ଠାନ ପକ୍ଷରୁ ଗୁରୁବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କଳା, ପ୍ରଶାସନିକ କ୍ଷେତ୍ରରେ ମାର୍ଗଦର୍ଶକ ହୋଇଥିବା ୫୦ଜଣ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ଅନୁଷ୍ଠାନ ସଦସ୍ୟ ସୂର୍ଯ୍ୟ ପାଣିଗ୍ରାହୀ ସଂଯୋଜନା କରିଥିଲେ। ସଭାପତି ଡାକ୍ତର ପ୍ରଭାସ ଦେବତା ଅନୁଷ୍ଠାନର ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସମ୍ମାନିତ ହୋଇଥିବା ବିଶିଷ୍ଟ ସାହିତ୍ୟ ସାଧକ ବିନୋଦ ପଶାୟତଙ୍କ ସମେତ ୫୦ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଶିଶୁ କଣ୍ଠଶିଳ୍ପୀ ସୃଷ୍ଟିଶ୍ରଦ୍ଧା ମିଶ୍ର ଗୁରୁବନ୍ଦନା ଗାନ କରିଥିଲେ। ସମ୍ପାଦକ ରଞ୍ଜିତ ରଥ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଗୁରୁମାନେ।

# ଶ୍ମଶାନ ସଫେଇ କଲେ ମହିଳା ସଙ୍ଗଠନ ସଦସ୍ୟା

ଝାରସୁଗୁଡ଼ା ଅଫିସ,୭।୯

ମହିଳାମାନଙ୍କୁ ଶ୍ମଶାନ ଯିବା ପାଇଁ ବାରଣ ଥିବାବେଳେ ଏହି ପରମ୍ପରାକୁ ଭାଙ୍ଗି ଶ୍ମଶାନ ସଫା କରିବାକୁ ଆଗେଇ ଆସିଛନ୍ତି ଝାରସୁଗୁଡ଼ାର ମା' ସରସ୍ୱତୀ ମହିଳା ସଙ୍ଗଠନ। ସଙ୍ଗଠନର ଏଭଳି ଜନହିତକର ସେବାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଝାରସୁଗୁଡା ଓଏମ୍‌ପିସ୍ଥିତ ଶ୍ମଶାନ ଘାଟ (ସ୍ୱର୍ଗଦ୍ୱାର) ପରିସର ଓ ଘାଟକୁ ଯିବା ରାସ୍ତା ଅପରିଷ୍କାର ହୋଇପଡିଥିବାବେଳେ ମୃତଦେହ ସଂସ୍କାର ସମୟରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ମା' ସରସ୍ୱତୀ ସଙ୍ଗଠନର ସଦସ୍ୟାମାନେ ମଙ୍ଗଳବାର ଉକ୍ତ ସ୍ଥାନ ସଫା କରିଥିଲେ । ଏ ନେଇ ସଙ୍ଗଠନର ସଭାପତି କହିଛନ୍ତି, ମହିଳାଙ୍କୁ ଶ୍ମଶାନକୁ ଯିବାପାଇଁ ବାରଣ କରାଯିବା ଏକ ଅନ୍ଧ ବିଶ୍ୱାସ। ସମାଜରେ ଏଭଳି କାର୍ଯ୍ୟ କରିବାକୁ ହେଲେ ମହିଳା ଓ ପୁରୁଷଙ୍କ ମଧ୍ୟରେ ବାଛବିଚାର ରହିବା ଉଚିତ ନୁହେଁ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନ ସଭାପତି ଗୀତା ରାଣା, ଉପସଭାପତି ମୀନା ରାଣା, କୁନି ବେହେରା, ସୁନିତା ଥାପ୍ପା, ରୂପା ସା, ପୂର୍ଣ୍ଣକଳା ରାୟ, ଜ୍ୟୋତି ଲିଙ୍ଗଡେନ୍ ପ୍ରମୁଖ ସାମିଲ ଥିଲେ। ପ୍ରକାଶଥାଉ କି ରାତିରେ ଲୋକେ ମୃତଦେହ ଦାହ ପାଇଁ ଏହି ଶ୍ମଶାନକୁ ଆସୁଥିଲେ ମଧ ଆଲୋକ ବ୍ୟବସ୍ଥା ନ ଥିବାରୁ ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୌର ପରିଷଦ ପକ୍ଷରୁ ଆଲୋକୀକରଣ ବ୍ୟବସ୍ଥା କରିବାକୁ ସଙ୍ଗଠନ କର୍ମକର୍ତ୍ତା ଦାବି କରିଛନ୍ତି।




ଶ୍ମଶାନ ସଫେଇରେ ସାମିଲ ହୋଇଥିବା ମହିଳାମାନେ।

## ବାଉଁଶୁଣୀକୁ ଏନଏସି ମାନ୍ୟତା ଲାଗି ପ୍ରସ୍ତାବ ଦେଲା ଜିଲା ପ୍ରଶାସନ

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ବ୍ଲକ ବାଉଁଶୁଣିକୁ ସହରାଞ୍ଚଳ ମାନ୍ୟତା ପ୍ରଦାନ ପାଇଁ ଜିଲା ପ୍ରଶାସନ ଏକ ପ୍ରସ୍ତାବ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ଦେଇଥିବା ଜଣାପଡିଛି। ପ୍ରସ୍ତାବିତ ବାଉଁଶୁଣୀ ଏନଏସି ଅଞ୍ଚଳ ମଧରେ ବାଉଁଶୁଣୀ ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମ ସହିତ ଅଁଳାପାଲି ଗ୍ରାମ ପଞ୍ଚାୟତର ବାଦାକଟା, ଗୁଡ଼ପଡା, ସାହୁପଡା, ଦନ୍ତାପାଲି ଗ୍ରାମ ଏବଂ ଗୋଛାପଡା ଗ୍ରାମ ପଞ୍ଚାୟତର ଟାଲୁପାଲି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଥିବା ଜଣାପଡିଛି। ପ୍ରସ୍ତାବିତ ବାଉଁଶୁଣୀ ଏନଏସିର ଜନସଂଖ୍ୟା ୨୦୧୧ ମସିହା ଜନଗଣନା ଅନୁଯାୟୀ ୧୦୧୦୫ ରହିଛି । ସେଥିମଧରୁ ଏସ.ସି. ଜନସଂଖ୍ୟା ୩୦୮୯ ରହିଥିବା ବେଳେ ଏସ.ଟି. ଜନସଂଖ୍ୟା ୨୬୬, ପଛୁଆବର୍ଗ ଓ ସାଧାରଣ ବର୍ଗର ଜନସଂଖ୍ୟା ୬୭୪୨ ରହିଥିବା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି।

### ସଂକ୍ଷେପରେ

## ୪ ପଞ୍ଚାୟତ ସମସ୍ୟା ବୁଝିଲେ ଭାଜପା ପ୍ରତିନିଧି ଦଳ

କୋକସରା,୭।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ମଣ୍ଡଳୀର ଡାଲଗୁମା, ମୂଷାପାଲି, ଉହଗାଁ, ଖୁଣ୍ଟିଆ ୪ ପଞ୍ଚାୟତ ଗସ୍ତ କରି ଚାଷୀ ଓ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି ଭାଜପା ପ୍ରତିନିଧି ଦଳ। ମରୁଡି ପରିସ୍ଥିତିରେ ମେଗା ଲିଫ୍ଟ କେନାଲ କାର୍ଯ୍ୟକ୍ଷମ ପରେ ମଧ ପରିଚାଳନା ତ୍ରୁଟି ଯୋଗୁ ଅନେକ ଚାଷ ଜମିକୁ ସଂଯୋଗ କରୁଥିବା ପାଣି ଯୋଗାଣ ପାଇପ ପଏଣ୍ଟ ସବୁ ଅଚଳ ହୋଇପଡିଛି। ଫଳରେ ହେକ୍ଟର ହେକ୍ଟର ଚାଷଜମିକୁ ପାଣି ମାଡୁନାହିଁ। ୟୁରିଆ ସାର ଅଭାବ ସାଙ୍ଗକୁ କଳାବଜାରୀ ଯୋଗୁ ଚାଷୀ ହଇରାଣ ହେଉଥିବା ଭାଜପା ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୪ ପଞ୍ଚାୟତ ସମସ୍ୟା ଏବଂ ଚାଷୀଙ୍କ ହକ ପାଇଁ ଆଗକୁ ଆନ୍ଦୋଳନ କରାଯିବ ବୋଲି ଭାଜପା ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଢଯୋଶୀ ସୂଚନା ଦେଇଛନ୍ତି। ଏହି ଗସ୍ତ ସମୟରେ ଭାଜପାର ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ପଲମ,୭।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ସାଇଦଲଙ୍ଗା ପଞ୍ଚାୟତସ୍ଥିତ ଚୁର୍ଛି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ମଙ୍ଗଳବାର କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ମୁଡିଙ୍ଗ ପଞ୍ଚାୟତ କର୍ଲାବାହାଲି ଗ୍ରାମର ଲାଲୁ ମାଝି ଓ ତାଙ୍କ ସ୍ତ୍ରୀ ନିମ୍ପୂର୍ତ୍ତି ଏକ ବାଇକ୍ ଯୋଗେ ମ.ରାମପୁର ଷ୍ଟେଟବ୍ୟାଙ୍କକୁ ୫୯ ଜାତୀୟ ରାଜପଥରେ ଯାଉଥିଲେ। ପଛରୁ ଦ୍ରୁତଗତିରେ ଆସୁଥିବା କାର୍ (ନଂ.ଓଡି୦୮ଆର୍-୭୭୭୧) ଧକ୍କା ଦେଇଥିଲା। ଫଳରେ ୨ଜଣ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଦୁର୍ଘଟଣା ପରେ କାର୍ ଫେରାର ହୋଇଛି। ଉପସ୍ଥିତ ଲୋକେ କାର୍‌ଟିକୁ ପିଛା କରି କେନ୍ଦୁବନ୍ଧ ସ୍କୁଲ ନିକଟରେ କାବୁ କରି ମ.ରାମପୁର ଥାନାକୁ ଖବର ଦେଇଥିଲେ। ମ.ରାମପୁର ପୋଲିସ ଆସି କାରଟିକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ପ୍ରଧାନଶିକ୍ଷକଙ୍କୁ ଏସଏମସି ସଭାପତିଙ୍କ ଆକ୍ରମଣ ଉଦ୍ୟମ

ବେଲପଡା, ୭।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ଖଇରମାଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବରାଜ ବିଭାରଙ୍କୁ ଆକ୍ରମଣ ଉଦ୍ୟମ ହୋଇଛି। ସେହି ସ୍କୁଲର ପରିଚାଳନା କମିଟି ସଭାପତି ଶ୍ରୀବସ୍ତ ନାଗ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଲିଗୁଲଜ କରିବା ସହ ଆକ୍ରମଣ ଉଦ୍ୟମ କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପ୍ରଧାନଶିକ୍ଷକଙ୍କ କହିବା ମତେ ସ୍କୁଲରେ ଚାର୍ଯ୍ୟ ନେବା ବିଷୟକୁ ନେଇ ପରିଚାଳନା କମିଟି ସଭାପତି ନାଗ ତାଙ୍କୁ ଡକାଇଥିଲେ। ସେ ତାଙ୍କ ଘରକୁ ଯାଇଥିବା ବେଳେ କୌଣସି କାରଣ ନ ଥାଇ ସଭାପତି ହଠାତ୍ ତାଙ୍କୁ ଗୋଇଠା ମାରିଥିଲେ। ପରେ ଏକ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ। ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। କୌଣସିମତେ ସେ ସେଠାରୁ ଦୌଡି ପଳାଇ ଆସିଥିବା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ସେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ମଧ ଜଣାଇଛନ୍ତି। ତାଙ୍କ ଜୀବନ ପ୍ରତି ଭୟ ରହିଥିବାରୁ ସ୍କୁଲକୁ ଯିବେ ନାହିଁ ବୋଲି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ଏ ନେଇ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ପରିଚାଳନା କମିଟି ସଭାପତିଙ୍କୁ ଥାନାକୁ ଡକାଯାଇଛି। ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ନୋଡାଲ ହାଇସ୍କୁଲ ପରିଦର୍ଶନ କଲେ ଜିଲା ପରିଷଦ ଅଧ୍ୟକ୍ଷା

ଲୋଇସିଂହା,୭।୯(ଡି.ଏନ.ଏ): ସୋମବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗସ୍ତ କରିଥିଲେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ। ଗସ୍ତ ଅବସରରେ ସେ ଗ୍ରାମର ହରିହର ନୋଡାଲ ହାଇସ୍କୁଲ ତଥା ବ୍ଲକର ଆଦର୍ଶ ହାଇସ୍କୁଲ ପରିଦର୍ଶନ କରିଥିଲେ। ସ୍କୁଲର ରୂପାନ୍ତରିତ କାର୍ଯ୍ୟ ବୁଲି ଦେଖିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ ଓ ଷ୍ଟାପଙ୍କ ସହ ସ୍କୁଲର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହାପରେ ଗ୍ରାମର ପ୍ରସିଦ୍ଧ ଶୈବପୀଠ ଯୋଗେଶ୍ୱର ଧାମକୁ ଯାଇ ସେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୂଜକ ଓ ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରି ମନ୍ଦିରର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ରଶ୍ମିରଞ୍ଜନ ପଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ମରୁଡ଼ି ଘୋଷଣା ନ ହେଲେ ଆନ୍ଦୋଳନ

ଟିଟିଲାଗଡ଼, ୭।୯ (ଡି.ଏନ.ଏ.)



ବିକ୍ଷୋଭ ସଭାରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ବକ୍ତବ୍ୟ ରଖୁଛନ୍ତି।

ବର୍ଷାଭାବ ଯୋଗୁ ଚଳିତ ବର୍ଷ ଟିଟିଲାଗଡ ବ୍ଲକ ଅଞ୍ଚଳରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ହେଲେ ଅଦ୍ୟାବଧି ରାଜ୍ୟ ରିଲିଫ କମିଶନର ତ ଦୂରର କଥା ରାଜସ୍ୱ ନିରୀକ୍ଷକ ମଧ ଚାଷୀର ଖେତରେ ପହଞ୍ଚି ନାହାନ୍ତି। ଚାଷୀଙ୍କୁ ପ୍ରଶାସନିକ ସ୍ତରରେ ସମବେଦନା ମିଳୁନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ଟିଟିଲାଗଡ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମରୁଡି ଘୋଷଣା ଦାବି ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ସମାବେଶରେ ବକ୍ତବ୍ୟ ଦେଇ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ବିଜେଡି ସରକାରର ଚାଷୀ ମାରଣ ନୀତିର ସମାଲୋଚନା କରିଥିଲେ। କଂଗ୍ରେସ ଶାସନ ଅମଳରେ ହୀରାକୁଦ, ଇନ୍ଦ୍ରାବତି, ଓସ୍ତାଲି ଆଦି ବୃହତ ଜଳସେଚନ ପ୍ରକଳ୍ପ ହୋଇଥିବାବେଳେ ବିଜେଡି ସରକାର ଚାଷୀଙ୍କ ସ୍ୱାର୍ଥକୁ ଉପେକ୍ଷା କରିଛନ୍ତି। କେନ୍ଦ୍ର ସରକାର ଘରୋଇ ବୀମା କମ୍ପାନୀଙ୍କୁ ଆମନ୍ତ୍ରଣ କରି ଚାଷୀଙ୍କ ସ୍ୱାର୍ଥକୁ ବିକ୍ରୀ କରି ମୁନାଫା ଅର୍ଜନ କରୁଛନ୍ତି। ଭୟଙ୍କର ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ରାଜ୍ୟ ସରକାର ସମସ୍ତ ଚାଷୀଙ୍କ କୃଷି ଋଣ ଛାଡ, ସ୍କୁଲ, କଲେଜ ଫି ଛାଡ କରିବାକୁ ସେ ଦାବି କରିଛନ୍ତି। ଅନ୍ୟଥା କଂଗ୍ରେସ ଦଳ ଆନ୍ଦୋଳନକୁ ତୀବ୍ରତର କରିବାକୁ ବାଧ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ବ୍ଲକ କଂଗ୍ରେସ ସଭାପତି ବିକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରୁ ଏକ ଚାଷୀ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସଭାରେ କଂଗ୍ରେସ ନେତୃବୃନ୍ଦ ଡମ୍ବରୁ ଛତ୍ରିଆ, ଦେବାନନ୍ଦ ସାହୁ, ତୁଳସି ସାହୁ, ଝସକେତନ ଛତର, ଅଭୟ ସାହୁ, ବିଚିତ୍ର ବାଗ, ବ୍ଲକ ଉପସଭାପତି ମଗନ ନାଗ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହାୟକ ଜିଲାପାଳ ଡ. ଲଳିତ ବାଗଙ୍କୁ ପ୍ରଦାନ କରାଯାଇଥିଲା।

### ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜିଲା କଂଗ୍ରେସ

# ପୋଲିସ କବ୍‌ଜାରେ ୨କୋରେକ୍ସ ବେପାରୀ







ଗିରଫ ୨ଅଭିଯୁକ୍ତ।

ବେଲପଡା,୭।୯(ଡି.ଏନ.ଏ.)

### ୧୯୦ ବୋତଲ ଏସ କଫସିରପ୍, ୪୦ହଜାର ଟଙ୍କା ଜବତ

ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ନବୋଦୟ ଛକ ଓ ବାସୁଦେବ ପଡାର ଜଣେ ବ୍ୟକ୍ତିଙ୍କ ଘରେ ଚଢଉ କରି ୧୯୦ ବୋତକ କଫସିରପ, ନଗଦ ୪୦ହଜାର ଟଙ୍କା ଜବତ କରିଛି। କୋରେକ୍ସ ଚାଲାଣରେ ବ୍ୟବହୃତ ଏକ ବାଇକ ବି ଜବତ ହୋଇଛି। କଫ ସିରପ ଗଚ୍ଛିତ ରଖିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ କମଳ ନାଗ ଓ ବାବୁଲି ପୃଷ୍ଟି। ବେଲପଡା ଏ ନେଇ ଥାନାରେ ଦୁଇଟି ମାମଲା( ନଂ ୧୮୪/୨୧,୧୮୫/୨୧)ରୁଜୁ ହୋଇଥିବା ଆଇଆଇସି ବୁଲୁ ମୁଣ୍ଡା କହିଛନ୍ତି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ନବୋଦୟ ଛକ ପାଖ ଏକ ଗ୍ୟାରେଜ ସମ୍ମୁଖରେ ତରା ଗ୍ରାମର କମଳ ଏକ ବାଇକ(ନଂ ଓଡି୦୩ଏସ ୯୫୮୫)ରେ କଫସିରପ ପେଟି ରଖି ଗ୍ରାହକ ଅପେକ୍ଷାରେ ଥିଲେ। ପୋଲିସ ବାଇକ ସହ ୧୨୦ଟି କଫ ସିରପ ବୋତଲ ଜବତ କରିଥିଲା। ସେହିପରି ବେଲପଡା ବାଳିକା ହାଇସ୍କୁଲ ପାଖ ବାବୁଲି ପୃଷ୍ଟିଙ୍କ ଘରେ କଫ ସିରପ ବିକ୍ରୀ ହେଉଥିବା ଖବର ପାଇ ପୋଲିସ ସେଠାରେ ଚଢାଉ କରିଥିଲା। ସେଠାରୁ ୭୦ ବୋତଲ କଫସିରପ ସହ ନିଦ ବଟିକା ଷ୍ଟ୍ରିପ, ୪୦ ହଜାର ଟଙ୍କା ଓ ମୋବାଇଲ ଜବତ ହୋଇଥିଲା।

# ସ୍ୱଚ୍ଛ ଭାରତ ଯୋଜନା ଫେଲ୍


ତହସିଲଦାରଙ୍କ ପୁରୁଣା ଆବାସିକ ଗୃହ ପାର୍ଶ୍ୱରେ କୁଢକୁଢ ଆବର୍ଜନା ଜମା ହୋଇଛି।

ମ.ରାମପୁର,୭।୯(ଡି.ଏନ.ଏ.)

### ରାସ୍ତାକଡ଼ରେ କୁଢ଼କୁଢ଼ ଆବର୍ଜନା

କଳାହାଣ୍ଡି ଜିଲା ମ.ରାମପୁର ଅଞ୍ଚଳରେ ସ୍ୱଚ୍ଛ ଭାରତ ଯୋଜନା ଫେଲ ମାରିଛି। ମୁଖ୍ୟ ସଡକ ଦୁଇପାର୍ଶ୍ୱରେ କୁଢକୁଢ ଆବର୍ଜନା ଜମି ରହିଥିବା ଦେଖାଦେଇଛି। ସ୍ୱଚ୍ଛ ଭାରତ ଯୋଜନା ପ୍ରାରମ୍ଭରେ ସ୍ଥାନୀୟ କେତେକ ଏନଜିଓ ପ୍ରଚାରଧର୍ମୀ କାର୍ଯ୍ୟକ୍ରମ ଥରେ ଦୁଇଥର ହାତକୁ ନେଇଥିଲେ। ପରବର୍ତ୍ତୀ ବର୍ଷ ଉକ୍ତ ସଂସ୍ଥା କୌଣସି କାର୍ଯ୍ୟ କରିବା ଦେଖାଯାଇନାହିଁ। ମ.ରାମପୁର ପଞ୍ଚାୟତ ପକ୍ଷରୁ ଅର୍ଦ୍ଧଶତାଧିକ ଡଷ୍ଟବିନ୍ ପ୍ରଦାନ କରାଯାଇଥିବା ବେଳେ ତାହାର ମଧ ସୁପରିଚାଳନା ହେଉନାହିଁ। ବିଶେଷ କରି ମ.ରାମପୁର ସହରର ଅଧିକାଂଶ ବ୍ୟବସାୟୀ ଡଷ୍ଟବିନର ବ୍ୟବହାର ନ କରି ନିଜ ଦୋକାନର କିଛି ଦୂରରେ ବର୍ଜ୍ୟବସ୍ତୁ ପକାଉଛନ୍ତି। ଫଳରେ ଏହା ମାସମାସ ଧରି ଜମି ରହି ପୋଚି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏପରିକି ରାସ୍ତା ଦୁଇପାର୍ଶରେ ଥିବା ଡ୍ରେନରେ ମଧ ବର୍ଜ୍ୟବସ୍ତୁ ପକାଇବା ଯୋଗୁ ଡ୍ରେନରେ ପାଣି ନିର୍ଗତରେ ପ୍ରତିବନ୍ଧ ସୃଷ୍ଟି ହେଉଛି। ତହସିଲଦାର ନିୟମ ଅନୁସାରେ ବ୍ୟବସାୟୀଙ୍କୁ ଜରିମାନା କାଟିବା ସହିତ ତାଗିଦ କରିବା, ପଞ୍ଚାୟତ ପକ୍ଷରୁ ନିୟମିତ ମଇଳା ସଫା କରିବା, ପୂର୍ତ୍ତ ବିଭାଗ ପକ୍ଷରୁ ଡ୍ରେନ ସୁବ୍ୟବସ୍ଥିତ କରିବା ଆଦି ଉପରେ ଜନସାଧାରଣ ଗୃହମନ୍ତ୍ରୀଙ୍କଠାରେ ଦାବିଉପସ୍ଥାପନ କରିଛନ୍ତି।

## ୨ବର୍ଷ ହେଲା ଖାଲି ପଡ଼ିଛି ଇଂଲିଶ ଅଧାପକ ପଦବୀ

### ଲାଠୋର ପଞ୍ଚାୟତ ଉଚ୍ଚ ମାଧମିକ ବିଦ୍ୟାଳୟ

ଲାଠୋର, ୭।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ରହିଛି ପଞ୍ଚାୟତ ଉଚ୍ଚ ମାଧମିକ ବିଦ୍ୟାଳୟରେ। ୨୦୧୯ରୁ ଏଠାରେ ଇଂଲିଶ ଅଧାପକ ପଦବୀ ଖାଲି ପଡିଛି। ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଚଳିତ ବର୍ଷ ସମସ୍ତ ବର୍ଗର ବାଳିକା ଏବଂ ଅନୁସୂଚିତ ଜାତି ଜନଜାତି ବର୍ଗ ବାଳକଙ୍କଠାରୁ ୧୯୯୨ଟଙ୍କା ସବସିଡିୟାରି ଏବଂ ୧୪୪୭ ଟଙ୍କା, ଓବିସି ଏବଂ ସାଧାରଣ ବର୍ଗ ବାଳକଙ୍କଠାରୁ ସବସିଡିୟାରି ୩ହଜାର ଓ ୧୫୬୨ ଟଙ୍କା ଟିଉସନ ଫି ଆଦାୟ କରୁଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାଙ୍କ ପାଠପଢା ପ୍ରତି ଯେତିକି ଚିନ୍ତା ପ୍ରକଟ କରିବା କଥା ତାହା ନ କରି ଫି ଆଦାୟ କରୁଥିବା ଅଭିଭାବକମାନେ କହିଛନ୍ତି। ଏ ନେଇ ବିଦ୍ୟାଳୟ ଅଧକ୍ଷ ଡ. ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ଇଂଲିଶ ଅଧାପକ ନିଯୁକ୍ତି ପାଇଁ ଜଣେ ପ୍ରାର୍ଥୀଙ୍କୁ ସାକ୍ଷାତ୍‌କାର ପାଇଁ ଡକାଯାଇଥିଲା। ହେଲେ ସେ ଉପଯୁକ୍ତ ନ ଥିବାରୁ ତାଙ୍କୁ ନିଯୁକ୍ତି ନ ଦେଇ ଜଣେ ଅତିଥି ଅଧାପକଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେ ପ୍ରାୟ ଏକ ମାସ ପିଲାଙ୍କୁ ପାଠ ପଢାଇଲା ପରେ ବିଦ୍ୟାଳୟ ଛାଡି ଚାଲିଗଲେ। ଏବେ ପୁନଃ ବିଜ୍ଞାପନ ଦିଆଯାଇଛି ବୋଲି କହିଥିଲେ।

## ଜେଲ ଗଲେ ଅଭିଯୁକ୍ତ ସ୍ୱାମୀ

ଲୋଇସିଂହା,୭।୯(ଡି.ଏନ.ଏ)

### ସ୍ତ୍ରୀ ତଣ୍ଟି ଚିପି ହତ୍ୟା ଘଟଣା


ଅଭିଯୁକ୍ତ ଗାନ୍ଧୀଲାଲ ସାହୁ।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ଫଟାମୁଣ୍ଡାରେ କସ୍ତୁରୀ ସାହୁଙ୍କୁ ତାଙ୍କ ସ୍ୱାମୀ ତଣ୍ଟି ଚିପି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ଫେରାର ଅଭିଯୁକ୍ତ ସ୍ୱାମୀ ଗାନ୍ଧୀଲାଲ ସାହୁ(୩୫)ଙ୍କୁ ଭରସୁଜାରୁ ମଙ୍ଗଳବାର ପୋଲିସ ଗିରଫ କରିଛି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଦଫା ୪୯୮(ଏ), ୩୦୨, ୩୦୪ବି ଆଇପିସି, ଆରଡବ୍ଲ୍ୟୁ ସେକ୍ସନ ଆକ୍ଟରେ ଏକ ମାମଲା(ନଂ. ୨୬୭/୨୧) ରୁଜୁ ହୋଇଥିବା ଆଇଆଇସି ରମାକାନ୍ତ ଜେନା କହିଛନ୍ତି। ପୋଲିସ ସୂଚନା ମତେ, ଫଟାମୁଣ୍ଡାର ସ୍ୱର୍ଗତ ଜଗନ୍ନାଥ ସାହୁଙ୍କ ଝିଅ କସ୍ତୁରୀ ସାହୁ(୨୮) ବରଗଡ ଜିଲା ଗାଇସିଲାଟ ଥାନା ବଡଡୁଙ୍ଗରୀପାଲି ଗ୍ରାମର ଗାନ୍ଧୀଲାଲ ସାହୁଙ୍କୁ ୮ ବର୍ଷ ତଳେ ବିବାହ କରିଥିଲେ। ତେବେ ଦମ୍ପତିଙ୍କ ମଧ୍ୟରେ ପ୍ରାୟ ସମୟ ଝଗଡା ଲାଗି ରହିଥିଲା । ଏଥିରେ ବିମୁଖ ହୋଇ ଦୁଇ ପୁଅଝିଅଙ୍କୁ ସାଙ୍ଗରେ ନେଇ ବାପାଘରକୁ ଚାଲି ଆସିଥିଲେ କସ୍ତୁରୀ। କିଛିଦିନ ପରେ ଗାନ୍ଧୀଲାଲ ଫଟାମୁଣ୍ଡା ଆସି ପିଲାଙ୍କୁ ନେଇ ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ହେଲେ ସମ୍ପର୍କରେ ସୁଧାର ଆସି ନ ଥିଲା। ରବିବାର କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତିରେ କସ୍ତୁରୀ ଶୋଇଥିବା ବେଳେ ଗାନ୍ଧୀଲାଲ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ସେ ପିନ୍ଧିଥିବା ସୁନା ଅଳଙ୍କାରକୁ ଛିଣ୍ଡାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୋମବାର ମୃତାଙ୍କ ଭାଇ ସୁଶାନ୍ତ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଏତାଲା ଦେଇଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ଦୁର୍ନୀତି ଅଭିଯୋଗ

ବଲାଙ୍ଗୀର ଅଫିସ, ୭।୯


ରାମପୁର ଗ୍ରାମର ବହୁ ଲୋକେ ଅଭିଯୋଗ କରିବାକୁ ଡିଆର୍‌ଡିଏ ଅଫିସ ଆସିଛନ୍ତି।

### ଡିଆର୍‌ଡିଏ ଅଫିସ ସମ୍ମୁଖରେ ବିକ୍ଷୋଭ

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ଅନ୍ତର୍ଗତ ରାମପୁରର ବହୁ ଲୋକେ ଡିଆରଡିଏ ଅଫିସ ସମ୍ମୁଖରେ ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ଦୁର୍ନୀତି ଅଭିଯୋଗ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ରାମପୁର ପାନ୍‌ଖାଇ କେନାଲ ତିଆରିରେ ଦୁର୍ନୀତି ହୋଇଛି। ଧଉଁରାଦାଦର ଗ୍ରାମରୁ ସାଏବାନିଡେରାକୁ ରାସ୍ତା ନିର୍ମାଣ, ରାମପୁର ରୁଗୁଡିମୁଣ୍ଡାରେ ପାହାଚ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗାଈ ଓ ଛେଳି ଗୁହାଳ ତିଆରିରେ ଅନିୟମିତତା ହୋଇଛି। ତୁରନ୍ତ ଏହାର ତଦନ୍ତ କରିବାକୁ ସେମାନେ ଦାବି କରିଥିଲେ। ଯେଉଁମାନେ ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ କାମ କରିନାହାନ୍ତି ସେମାନଙ୍କ ନାଁରେ ଟଙ୍କା ଉଠିଛି, ଯେଉଁମାନେ ପ୍ରକୃତରେ କାମ କରିଛନ୍ତି ସେମାନଙ୍କୁ ମଜୁରି ମିଳି ନ ଥିବା ଅଭିଯୋଗ କରିଥିଲେ। ଏନେଇ ଜିଲାପାଳ ଏବଂ ଡିଆରଡିଏ ପିଡିଙ୍କୁ ଦାବିପତ୍ର ଦେଇ ତଦନ୍ତ କରିବାକୁ ଅନୁରୋଧ କରିଥିଲେ।

## ଉଦ୍ଧାର ଅଜଗରକୁ ସାହାଜଖୋଲ ଜଙ୍ଗଲରେ ଛଡ଼ାଗଲା

କୋକସରା,୭।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କୁସୁମଖୁଣ୍ଟି ଇନ୍ଦ୍ରାବତୀ ସହାକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଉଦ୍ଧାର ଅଜଗର ସାହାଜଖୋଲ ଜଙ୍ଗଲରେ ଛଡାଯାଇଛି। ସୋମବାର ଅପରାହ୍ନ ୨ଟାରେ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଏକ ଝରକାରେ ସାଢ଼େ ୫ଫୁଟ ଲମ୍ବର ଅଜଗର ଓହଳି ଥିବା କେତେଜଣ କର୍ମଚାରୀ ଦେଖିଥିଲେ। ଖବର ପାଇ ସ୍ନେକ ହେଲ୍ପ ଲାଇନ, ଜଙ୍ଗଲ ବିଭାଗ ଓ ଅଗ୍ନିଶମ ବିଭାଗ ଆସି ଅଜଗର ଉଦ୍ଧାର କରିଥିଲେ। ପରେ ଅଜଗରକୁ ସାହାଜଖୋଲ ଜଙ୍ଗଲରେ ଛାଡି ଦେଇଥିବା ଆମପାଣି ଫରେଷ୍ଟର ଜଗନ୍ନାଥ ନାଗ ପ୍ରକାଶ କରିଛନ୍ତି।

# ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ବୈଠକ

ଭବାନୀପାଟଣା,୭।୯(ଡି.ଏନ.ଏ.)

କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କ ଅଧକ୍ଷତାରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ସଂବଧିୟ ବୈଠକ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଅନୁଯାୟୀ କଳାକାରମାନଙ୍କ ଯୋଗ୍ୟତା, ଆବେଦନ, ଆୟ ପ୍ରମାଣପତ୍ର, ବୟସ ପ୍ରମାଣପତ୍ର ସହ ଫର୍ମ ପୂରଣ ଉପରେ ସର୍ବଶେଷ ତଥ୍ୟ ଦେଇଥିଲେ। ଉକ୍ତ ଯୋଜନାର ଆର୍ଥିକ ସହାୟତା ପାଇଁ ନିର୍ଦ୍ଧାରିତ ଫର୍ମରେ ଆବଶ୍ୟକ ତଥ୍ୟ ପୂରଣ କରି ଜିଲା ସଂସ୍କୃତି ଅଧିକାରୀଙ୍କୁ ୩୦।୧୦।୨୦୨୧ ସୁଦ୍ଧା ପ୍ରେରଣ କରିବେ। ଏହି ଯୋଜନାରେ ପୁରୁଷ କଳାକାରଙ୍କ ବୟସ ସର୍ବନିମ୍ନ ୫୦ ବର୍ଷ ଏବଂ ମହିଳାଙ୍କ ୪୦ ବର୍ଷ ରହିଛି। ଅଧିକାରୀଙ୍କ ସୂଚନା ଅନୁସାରେ ଜିଲାରେ କଳାକାର ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ୧୭୨୫ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ମାତ୍ର ୩୯୫ ଜଣଙ୍କୁ ଚୟନ କରାଯାଇଛି ଏବଂ ବର୍ତ୍ତମାନ ୧୩୩୦ଜଣ ହିତାଧିକାରୀ ଚୟନ ପାଇଁ ଫର୍ମ ଆବେଦନ ଗ୍ରହଣ କରାଯିବ। ଉପସ୍ଥିତ ଅନେକ କଳାକାର ସଂଘ, ଗ୍ରାମାଞ୍ଚଳ କଳାକାରମାନଙ୍କ ପରିବେଷଣ ଯୋଗ୍ୟତା ପ୍ରମାଣପତ୍ର ଏବଂ ବୟସ ପ୍ରମାଣପତ୍ର ନ ଥିବା ଯୋଗୁ ଚୟନ ପ୍ରକ୍ରିୟାରେ ସାମିଲ ହୋଇପାରୁ ନାହାନ୍ତି ବୋଲି ପ୍ରକାଶ କରିଥିଲେ। ସଭାରେ ପିଡିଡିଆରଡିଏ ସୋମେଶ ଉପାଧ୍ୟାୟ, ଜିଲା କଳା ସଂସ୍କୃତି ସଂଘ ସଭାପତି, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି, ସମସ୍ତ ବିଡିଓ, ନଗର କଳା ସଂସ୍କୃତି ସଂଘ, ଇଓ ଏନ୍‌ଏସି/ମ୍ୟୁନିସିପାଲଟି ତଥା ଡିଆଇପିଆର୍‌ଓ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

ବାଉଁଶୁଣୀ,୭।୯(ଡି.ଏନ.ଏ.)



ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଛନ୍ତି।

### ଡିମିରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

- ତଦନ୍ତ ପାଇଁ ପହଞ୍ଚିଲେ ବ୍ଲକ ଶିକ୍ଷା ଅଧିକାରୀ

ବୌଦ୍ଧ ବ୍ଲକ ବାଉଁଶୁଣି ଗ୍ରାମ ପଞ୍ଚାୟତ ଡିମିରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନା ନା ଅବ୍ୟବସ୍ଥା ଲାଗି ରହିଛି । ଏ ନେଇ ଅଭିଭାବକ ଓ ଗ୍ରାମବାସୀ ଲିଖିତ ଅଭିଯୋଗ କରିବା ପରେ ବି କୌଣସି ପଦକ୍ଷେପ ନିଆ ନ ଯିବାରୁ ଅଭିଭାବକମାନେ ମଙ୍ଗଳବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଖବରପାଇ ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲା ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି।

ପ୍ରକାଶ ଯେ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନା ରାଣୀ ସରକାର ମନୋମୁଖୀ କାର୍ଯ୍ୟ କରିବା, କରୋନା ସମୟରେ ପିଲାଙ୍କୁ ଦେବା ପାଇଁ ଆସିଥିବା ଚାଉଳ ଓ ରୋଷେଇ ବାବଦ ଖର୍ଚ୍ଚ ଟଙ୍କା ଆତ୍ମସାତ କରାଯିବା, ପିଲାମାନଙ୍କୁ ପୋଷାକ, ଜୋତା ଓ ମୋଜା ପ୍ରଦାନ ନ କରିବା, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଝିଅ ପିଲାଙ୍କୁ ଦୁଇଟି ଓଢଣୀ ଦେବା ବଦଳରେ ଗୋଟିଏ ଲେଖାଏ ଦେବା ଆଦି ନେଇ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଶିକ୍ଷା ଅଧିକାରୀ ପହଞ୍ଚିବା ପୂର୍ବରୁ ଉତ୍ତ୍ୟକ୍ତ ହୋଇ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ଫଳରେ ଲୋକଙ୍କୁ ବୁଝାଇ ଗେଟ ଖୋଲି ପଶି ବିଇଓ ବିଦ୍ୟାଳୟ ଭିତରେ ଅଭିଯୋଗକାରୀ, କମିଟି ସଦସ୍ୟ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କଲା ପରେ ଜିଲାପାଳ ଯାହା ନିର୍ଦ୍ଦେଶ ଦେବେ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘିବେଲା କହିଥିଲେ। ଏହାସତ୍ତ୍ୱେ ଯଦି ୭ ଦିନ ମଧରେ ଜିଲାପାଳ ଓ ଶିକ୍ଷା ଅଧିକାରୀ ପଦକ୍ଷେପ ଗ୍ରହଣ ନ କରନ୍ତି ତାହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍କୁଲ ବନ୍ଦ ରହିବା ସହ ୫୭ ନଂ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

## ୩ ଚୋରି ମାମଲାରେ ୮ ଗିରଫ

ପାଇକମାଲ,(ଡି.ଏନ.ଏ): ବରଗଡ଼ ଜିଲା ପାଇକମାଲ ଥାନାରେ ୩ ଚୋରି ମାମଲାର ତଦନ୍ତ କରି ପୋଲିସ ୮ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଗତପୁର ଗ୍ରାମର ଧନେଶ୍ୱର ସାହୁ (୨୩), ସହଦେବ ବରିହା (୨୫,) ଭିମ ଏଣ୍ଡଜା (୨୬), ସୁରେନ୍ଦ୍ର ପଟେଲ (୨୨), ଗଗନ କୁମାର ସାହୁ (୨୯), ପଲସଦା ଗ୍ରାମର ସଞ୍ଜୀବ ଭଇସାଲ (୨୨), ପଦ୍ମପୁର ବୁଡାମାଲ ଗ୍ରାମର ମାଧବ ବେହେରା (୪୬) ଏବଂ ଝିଁଟିକି ପଞ୍ଚାୟତ ବରପାଲି ଗ୍ରାମର ହୃଷିକେଶ ରଣା (୨୩)। ଅଭିଯୁକ୍ତଙ୍କଠାରୁ ୨୦ ପ୍ୟାକେଟ୍ ପିଡିଏସ୍ ଚାଉଳ, ମୋଟରପମ୍ପ ଓ ଟ୍ରାକ୍ଟର ବ୍ୟାଟେରି ଏବଂ ୧୦୨ଟି ଦେଶୀ କୁକୁଡା ଜବତ କରାଯାଇଛି। ମଙ୍ଗଳବାର ଏ ନେଇ ପାଇକମାଲ ଥାନାରେ ପଦ୍ମପୁର ଏସ୍‌ଡିପିଓ ବି. ବି. ଭୋଇ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି କୁନି ଝିଅ

### ଚିକିତ୍ସା ସହାୟତା ପାଇଁ ମା'ବାପାଙ୍କ ଆକୁଳ ନିବେଦନ



**କର୍ଲାମୁଣ୍ଡା,୭।୯(ଡି.ଏନ.ଏ.):** କେନ୍ଦ୍ର ଓ ରାଜ୍ୟ ସରକାର ଦିବ୍ୟାଙ୍ଗମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଆନ୍ତରିକତା ଅଭାବ ଯୋଗୁ ଦିବ୍ୟାଙ୍ଗମାନଙ୍କ ନିକଟରେ ସରକାରୀ ସୁବିଧା ସୁଯୋଗ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁସୁର୍ଲା ଗ୍ରାମରୁ ଏଭଳି ଅଭିଯୋଗ ଆସିଛି। ସୂଚନା ଅନୁଯାୟୀ, ଏହି ଗ୍ରାମର ଶରତ ସାହୁଙ୍କ ୬ ବର୍ଷର ଝିଅ ସୁଷମା ଜନ୍ମରୁ ମାନସିକ ଦିବ୍ୟାଙ୍ଗ। ଅନେକ ସ୍ଥାନରେ ଚିକିତ୍ସା କରିଥିଲେ ହେଁ ସୁଷମା ଭଲ ହେବା ପରିବର୍ତ୍ତେ ସ୍ବାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି। ସୁଷମାଙ୍କ ଶତପ୍ରତିଶତ ଦିବ୍ୟାଙ୍ଗ ସାର୍ଟିଫିକେଟ ରହିଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ସୁବିଧା ମିଳୁନାହିଁ। ଏପରିକି ତାଙ୍କୁ ଭିନ୍ନକ୍ଷମ ଭତ୍ତା ମଧ ମିଳୁ ନାହିଁ। ଏଥିପାଇଁ ସୁଷମାଙ୍କ ବାପା ପଞ୍ଚାୟତଠୁଁ ବ୍ଲକ ଯାଏଁ ସମସ୍ତ ଅଧିକାରୀଙ୍କୁ ଗୁହାରି କରିଥିଲେ ସୁଧା ତାଙ୍କ କଥା କେହି ଶୁଣୁ ନ ଥିବା ଶରତ ପ୍ରକାଶ କରିଛନ୍ତି। କୁନି ଝିଅ ଏବେ ମୃତ୍ୟୁସହ ସଂଗ୍ରାମ କରୁଥିବା ମା' ସୁମତି କହିଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ସୁଷମାଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

## କୋଶଲେଶ୍ୱରୀ ପୀଠରେ ଲାଗି ହେଲା ନବାନ୍ନ ଚରୁ



**ଟିଟିଲାଗଡ଼,୭।୯(ଡି.ଏନ.ଏ.):** ଶାବରି ପରମ୍ପରା ମୁତାବକ ଭାଦ୍ରବ କୃଷ୍ଣପକ୍ଷ ସପ୍ତପୁରୀ ଅମାବାସ୍ୟାରେ ଟିଟିଲାଗଡ ବ୍ଲକ ଲଇତରା କୁମୁଡିପଦରସ୍ଥିତ ମାଁ କୋଶଲେଶ୍ୱରୀଙ୍କ ପୀଠରେ ମଙ୍ଗଳବାର ଦେବୀଙ୍କୁ ନବାନ୍ନ ଚରୁ ଅର୍ପଣ କରାଯାଇଛି। ଶାକ୍ତ ବିଧି ମତେ ସାବରି ତନ୍ତ୍ର ଅନୁଯାୟୀ ଯଜ୍ଞରେ ଦେବୀଙ୍କୁ ଚାମୁଣ୍ଡା ମନ୍ତ୍ରରେ ଆବାହନ ସହ ନୂଆ ଛେଟକା ଧାନ ଯଜ୍ଞ କୁଣ୍ଡରେ ଚରୁ ଅର୍ପଣ କରାଯାଇଛି। ବିଧି ମୁତାବକ ସ୍ଥାନୀୟ ଜାନୀମାନେ ଘଣ୍ଟଶଙ୍ଖ ନାଦରେ ସକାଳୁ ପୀଠ ଚତୁଃଦିଗରେ ପୂଜାର୍ଚ୍ଚନା ସହ ଦେବାଦେବୀଙ୍କୁ ଆବାହନ ସହ ଧାନ କିଆରିରୁ ନୂଆ ଛେଟକା ଧାନ ସଂଗ୍ରହ କରିଥିଲେ। ଯାଜ୍ଞିକ ପୁରୋହିତ କ୍ଷମଦା ପ୍ରସାଦ ମହାପାତ୍ର ଯଜ୍ଞ କର୍ମ ସମ୍ପାଦନ ସହ ଯଜ୍ଞ କୁଣ୍ଡରେ ଦେବୀଙ୍କୁ ଚରୁ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପାଟଜାନୀ ବଳରାମ ମାଝୀ, ପୀଠ ଜାନୀ, ଦେଶ ଜାନୀ ରାୟସିଂ ମାଝୀ, ମଣ୍ଟୁ ଜାନୀ, ଶିବ ଜାନୀ, ରାମପ୍ରସାଦ ବାଗ, ମନ୍ଦିର ପରିଚାଳକ ଅଗସ୍ତି ସାହୁ, ସଭାପତି ନିତ୍ୟାନନ୍ଦ ମାଝୀ, ବିଶିଷ୍ଟ ଗବେଷକ ଡ. ଦୋଲଗୋବିନ୍ଦ ବିଶି, ହେମନ୍ତ ସାହୁ, ପ୍ରମୁଖ ସହାୟତା କରିଥିଲେ।

## ପାତାଳି ଶ୍ରୀକ୍ଷେତ୍ରରେ ଅନନ୍ତ ବ୍ରତ ପାଳନ ପାଇଁ ପ୍ରସ୍ତୁତି

**ସୋନପୁର,୭।୯(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ପାତାଳି ଶ୍ରୀକ୍ଷେତ୍ର କୋଟସମଲାଇଠାରେ ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ଅଧକ୍ଷତାରେ ଅନନ୍ତ ବ୍ରତ ପାଳନ ପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବ୍ରତ ପାଳନ ପାଇଁ ଆଲୋଚନା ହୋଇଥିଲା। ରେଡମ, ଖୁଣ୍ଟୁଲାପାଲି, ଗୋଲବନ୍ଧ, ଖଜୁରିଆପାଲି, ଗଡଭିତର, ବାଗବାହାଲି ଓ ମେଣ୍ଡଲିଟିକ୍ରା ଗାଁର ୧୩ ଜଣଙ୍କୁ ନେଇ କମିଟି ଗଠନ କରାଯାଇଛି। ଶରତ ଚାନ୍ଦ ଓ ସୁଧୀର ପୁରୋହିତ କମିଟିର ସଂଯୋଜକ ଦାୟିତ୍ୱରେ ରହିଛନ୍ତି। ସେହିପରି କମିଟିର ସଭ୍ୟଭାବେ ଜୈମିନୀ ନାଏକ, ଶିବ ପ୍ରସାଦ ମହାକୁର, ପ୍ରମୋଦ କୁମାର ପାତ୍ର, ଶାନ୍ତନୁ ପଧାନ, ଅଭିଷେକ ପାତ୍ର, ହରପ୍ରସାଦ କର୍ମୀ, ମଧୁସୂଦନ ମହାକୁର, ଶ୍ୟାମସୁନ୍ଦର ମହାକୁର, ସତ୍ୟଜିତ ଗଡୁଆ, ରମେଶ ସାହୁ, ଅଭିଶେକ ଦେହୁରୀ, ବିବେକାନନ୍ଦ ସାହୁ ଓ ଚମରା ପ୍ରସାଦ ମେଣ୍ଡିଲି ପ୍ରମୁଖ ରହିଥିବା ଜଣାପଡିଛି।

# ହକ୍ ପାଇଁ ରାସ୍ତାକୁ ଓହ୍ଲାଇଲେ ଆଦିବାସୀ

**ନୂଆପଡ଼ା ଅଫିସ,୭।୯**

ନୂଆପଡା ଜିଲାରେ ଆଦିବାସୀମାନଙ୍କ ପ୍ରତି ଅନ୍ୟାୟ ହେଉଥିବା, ନ୍ୟାୟ ପାଇଁ ଯାଉଥିବା ଆଦିବାସୀଙ୍କ ଉପରେ ଜୁଲୁମ କରିବା ପ୍ରତିବାଦରେ ମଙ୍ଗଳବାର ଜିଲା ଆଦିବାସୀ କଲ୍ୟାଣ ସଂଘ ରାଜରାସ୍ତାକୁ ଓହ୍ଲାଇଛି। ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝିଙ୍କ ନେତୃତ୍ୱରେ ନୂଆପଡା ମିନିଷ୍ଟାଡିୟମରୁ ହାଜାର ହଜାର ଆଦିବାସୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର, ଧନୁତୀର, ବାର୍ଛା, ଟାଙ୍ଗିଆ, ଆଦିବାସୀ ବାଜା ସହିତ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପୋଲିସ ପ୍ରଶାସନ ବିରୋଧରେ ନାରାବାଜି କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଧାରଣା ଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଯିବାକୁ ନ ଦେବାରୁ ପୋଲିସ ଓ ଆଦିବାସୀମାନଙ୍କ ଭିତରେ ଧସ୍ତାଧସ୍ତି ହୋଇଥିଲା। ଜିଲାର ଆଦିବାସୀମାନେ ବିଭିନ୍ନ ସମୟରେ ଆକ୍ରୋଶର ଶିକାର ହୋଇ ଥାନାରେ ଅଭିଯୋଗ କରିବା ପରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାପାଳଙ୍କ ଜରିଆରେ ଉପଜିଲାପାଳ ତରଣୀସେନ ନାଏକଙ୍କୁ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ, ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଜନ୍ମେଜୟ ଶବର ଲାଇନମ୍ୟାନ ଗତ ୪ ତାରିଖରେ ବିଦ୍ୟୁତ୍ ସଜାଡିବା ପାଇଁ ଯାଇଥିବା ବେଳେ ଆକ୍ରୋଶର ଶିକାର ହୋଇଥିଲେ। ଏ ନେଇ ସେ କୋମନା ଥାନାରେ ଲିଖିତ ଅଭିଯୋଗ ଦେବା ପରେ ମଧ୍ୟ ପୋଲିସ ସେମାନଙ୍କ ଉପରେ କୌଣସି ପଦକ୍ଷେପ ନେଇ ନାହିଁ। ଗୌରୀ ଶଙ୍କର ମାଝି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ଥଇଥାନ ରାଶି ୨୩ ଲକ୍ଷ ୮୦ ହଜାର ପାଇଥିବା ବେଳେ ସେହି ଟଙ୍କାକୁ ଜଣେ ଦଲାଲ ହଡପ କରିଥିବା ଖଡିଆଳ ଥାନାରେ ଅଭିଯୋଗ କରିଥିଲେ। ତାହାର କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ଚନ୍ଦ୍ର ଶେଖର ଶବର, ଉଦେ ମାଝି, ଯମୁନା ଭୋଇ, ନିଳାମ୍ବର ଭୋଇ ପ୍ରମୁଖ ଆକ୍ରୋଶର ଶିକାର ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସର ଅପାରଗତା ଓ ଆଦିବାସୀଙ୍କ କଥାକୁ ନ ଶୁଣିବାରୁ ଏଭଳି କାର୍ଯ୍ୟକ୍ରମ କରାଯାଇଥିବା ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଆଦିବାସୀମାନଙ୍କ ପ୍ରତି ଅବହେଳା କଲେ ବିଧାନସଭା ଆଗରେ ଧାରଣା ଦିଆଯିବ ବୋଲି ବାଲକୃଷ୍ଣ ଶବର, ହୋମସିଂ ମାଝି, ଖାମ ସିଂ ମାଝି, ବିହାରୀ ଲାଲ ଶବର, ଭକ୍ତବନ୍ଧୁ ଧରୁଆ ପ୍ରମୁଖ ଚେତାବନୀ ଦେଇଛନ୍ତି।



ଆଦିବାସୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

### ପୋଲିସ-ଆଦିବାସୀ ଧସ୍ତାଧସ୍ତି

- ଜାତୀୟ ରାଜପଥ ଉପରେ ଧାରଣା
- ଆଦିବାସୀଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଶୋଭାଯାତ୍ରା

# ଶିକ୍ଷକଙ୍କଠାରୁ ଲୁଟ୍ ଘଟଣାର ରାୟ ପ୍ରକାଶ

**ଜୁନାଗଡ଼,୭।୯(ଡି.ଏନ.ଏ.)**

### ଜଣଙ୍କୁ ୨, ଅନ୍ୟ ଜଣଙ୍କୁ ବର୍ଷେ ଜେଲଦଣ୍ଡାଦେଶ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପାଣିଗାଁ ଛକ ନିକଟରେ ଶିକ୍ଷକଙ୍କୁ ୩ଜଣ ଯୁବକ ମାଡମାରି ଛୁରି ଦେଖାଇ ବାଇକ୍, ଟଙ୍କା, କାଗଜପତ୍ର ଛଡାଇ ନେବା ଘଟଣାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଜୁନାଗଡ ଜେଏମ୍‌ଏଫସି କୋର୍ଟ ବିଚାରପତି ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଏହି ଘଟଣାର ବିଚାର କରି ଜୁନାଗଡ ବ୍ଲକ କନ୍ଧସର୍ଗିଗୁଡା ଗ୍ରାମର ତ୍ରିନାଥ ପାନ ଓରଫ କହ୍ନେଇଙ୍କୁ ଦୋଷୀ ସାବ୍ୟସ୍ତ କରି ଆଇପିସି ୩୯୪ ଧାରାରେ ୨ବର୍ଷ ଜେଲ ଦଣ୍ଡାଦେଶ ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଅନ୍ୟ ଜଣେ ଅଭିଯୁକ୍ତ ବାରବେଶାଲ ଗ୍ରାମର ହୃଷିକେଶ ନିଆଲଙ୍କୁ ୧ ବର୍ଷ ଜେଲଦଣ୍ଡାଦେଶ ସହ ୨ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଉଭୟଙ୍କୁ ଅଧିକ ୧ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି।

ପ୍ରକାଶ ଯେ, ୪।୭।୨୦୨୦ରେ ଜୁନାଗଡ ବ୍ଲକ କନ୍ଧବ୍ରାହ୍ମଣୀ ଗୁଡାର ଧନସିଂହ ଭୋଇ ଶିକ୍ଷକ ବ୍ୟାଙ୍କ କାମ ସାରି ନିଜ ଗାଁକୁ ଫେରୁଥିଲେ। ପାଣିଗାଁ ଛକ ନିକଟରେ ୩ଜଣ ଯୁବକ ଜବରଦସ୍ତି ଅଟକାଇ ମାଡମାରି ଛୁରି ଦେଖାଇ ବାଇକ୍ ସହ ବ୍ୟାଗରେ ଥିବା ୧୦ ହଜାର ଟଙ୍କା ଓ କାଗପତ୍ର ଛଡାଇ ନେଇଥିଲେ। ଏ ନେଇ ଧନସିଂହ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୮୭/୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପରେ ଏହି ମାମଲା କୋର୍ଟକୁ ଆସିଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ଯୁବ ଏପିପି ଅଶୋକ କୁମାର ନାୟକ ଓ ଦିଗାମ୍ବର ନାଏକ ପରିଚାଳନା କରିଥିଲେ। ସେହିପରି ବିପକ୍ଷରେ ଯୁବ ଆଇନଜୀବୀ ଜୟଦେବ ସୁନାନୀ, ମହେନ୍ଦ୍ର ନାଏକ ପରିଚାଳନା କରିଥିଲେ। ପୋଲିସ ପକ୍ଷରୁ ଏସ୍ଆଇ କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ଏଏସଆଇ ସୁରେନ୍ଦ୍ର ସିଂହ ଘଟଣାର ତଦନ୍ତ କରିଥିଲେ।

# ବ୍ଲକସ୍ତରୀୟ କଳାକାର ସମାବେଶ



ସମାବେଶରେ କଳାକାରଙ୍କୁ ସମ୍ବର୍ଦ୍ଧିତ କରଯାଉଛି।

**ଲୋଇସିଂହା, ୭।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସୁରସଙ୍ଗମ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ପରିସରରେ ବ୍ଲକସ୍ତରୀୟ କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ବ୍ଲକର ୨୦ଟି ପଞ୍ଚାୟତର କଳକାର ଅଂଶଗ୍ରହଣ କରିଥିଲେ। ନିସାର ଅହମ୍ମଦ ନିସାର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସଂସଦ ଅଧ୍ୟକ୍ଷ ନିହାର ରଞ୍ଜନ ବେହାର, କୋଷାଧ୍ୟକ୍ଷ ସରୋଜ ବିଶ୍ୱାଳ, ଉପଦେଷ୍ଟା ଗୌରୀଶଙ୍କର ବେଜ, ଚମରା ଚୌହାନ ମଞ୍ଚାସୀନ ଥିଲେ। କୋଷାଧ୍ୟକ୍ଷ ବିଶ୍ୱାଳ ସମାବେଶର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହାବାଦ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ବ୍ଲକର ଅଧିକରୁ ଅଧିକ କଳାକାର କିପରି ସାମିଲ ହେବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିପାଇଁ ଆବଶ୍ୟକ ଫର୍ମ ପୂରଣ ଓ ସାର୍ଟିଫିକେଟ କିପରି ପ୍ରସ୍ତୁତ କରିବେ ତାହା ଉପରେ କଳାକାରମାନଙ୍କୁ ସଚେତନ କରାଯାଇଥିଲା। ଏହାବ୍ୟତୀତ ଲୋଇସିଂହାଠାରେ ଏକ କଳାକାର ଭବନ ଓ ନିର୍ମାଣାଧୀନ ସୁରସଙ୍ଗମ ନାଟ୍ୟ ମଣ୍ଡପ ସମ୍ପୂର୍ଣ୍ଣ ହୋଇ ପାରିବ ତାହା ଉପରେ ଆଲୋଚନା ହୋଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷ ବେହେରା ଏଦିଗରେ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପୂର୍ବବର୍ଷ କଳାକାର ଭତ୍ତା ପାଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କଟଙ୍ଗିନାଳ ବିଜୁ ସେତୁ ଉଦ୍‌ଘାଟିତ

**ଖପ୍ରାଖୋଲ, ୭।୯(ଡି.ଏନ.ଏ.)**



କଟଙ୍ଗିନାଳ ବିଜୁ ସେତୁ ଉଦ୍‌ଘାଟନ ଅବସରରେ ଅତିଥିମାନେ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସର୍ଗିପାଲି ତାମିପଦର ମଝିରେ ଥିବା କଟଙ୍ଗିନାଳା ବିଜୁ ସେତୁ ମଙ୍ଗଳବାର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଧଣ୍ଡାମୁଣ୍ଡାଠାରୁ ହରିଶଙ୍କରକୁ ସଂଯୋଗ କରୁଥିବା ଏହି ରସ୍ତାରେ ପୋଲ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ୨୦୧୮ରେ ତତ୍କାଳୀନ ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସି ଦେଓ ଏହି ସେତୁ ପାଇଁ ଶିଳାନ୍ୟାସ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଜୁ ସେତୁ ଯୋଜନାରେ ଏହା ନିର୍ମିତ ହୋଇଛି। ଉଦଘାଟନୀ ଅବସରରେ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ବ୍ଲକ ଅଧ୍ୟକ୍ଷା ପୁର୍ଣ୍ଣମାସୀ ବରିହା, ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ନାନ୍ଦୁପଲା ସମିତି ସଭ୍ୟା ନୀଳେନ୍ଦ୍ରି ପୂଝାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରସିଂହ ବୁଡେକ, ଶଶି ପୂଝାରୀ, ସୁବଳ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ମଚାରୀ ଅନୁପସ୍ଥିତ ଥିବା ଦେଖାଯାଇଥିଲା।

## ବୌଦ୍ଧରେ ଜାତୀୟ ଚକ୍ଷୁଦାନ ପକ୍ଷ

**ବୌଦ୍ଧ,୭।୯(ସ୍ୱ.ପ୍ର.)**

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନର ତାଲିମ କେନ୍ଦ୍ରଠାରେ ୩୬ତମ ଜାତୀୟ ଚକ୍ଷୁଦାନ ପକ୍ଷ-୨୦୨୧ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାଶଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାଶ ପତାକା ଦେଖାଇ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହାପରେ ଏକ ରାଲି ସହର ପରିକ୍ରମା କରିଥିଲା। ଚକ୍ଷୁଦାନ, ଅନ୍ଧତ୍ୱ ଦୂରୀକରଣ ଲାଗି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅଗଷ୍ଟ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୫ ଦିନ ବ୍ୟାପି ଜିଲା ସ୍ତରରେ ପାଳିତ ହେଉଛି। ସଭାରେ ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା. ବଲ୍ଲଭ ଚନ୍ଦ୍ର ପ୍ରଧାନ ଚଳିତ ବର୍ଷର ବାର୍ତ୍ତା- ମୃତ୍ୟୁ ପରେ ମଧ ରହନ୍ତୁ ଜୀବନ୍ତ, ଚକ୍ଷୁଦାନ କରି ଦୂର କରନ୍ତୁ ଅନ୍ଧତ୍ୱ' ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୋଷ କୁମାର ମହାପାତ୍ର ଚକ୍ଷୁଦାନର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିବାର କଲ୍ୟାଣ ଅଧିକାରୀ ଡା. ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ୍, ଡିପିଏମ୍ ରୂପକ କୁମାର ମହାପାତ୍ର, ଏଏନ୍‌ଏମ୍ ତାଲିମ କେନ୍ଦ୍ରର ଅଧକ୍ଷା ରୀତାଞ୍ଜଳି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏଡିପିଏଚ୍ ସିଓ ସୁନୀଲ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳର ସମସ୍ତ ଆଶା, ସ୍ୱାସ୍ଥ୍ୟକର୍ମୀ, ଏଏନ୍‌ଏମ୍ ତାଲିମ୍ କେନ୍ଦ୍ରର ଛାତ୍ରୀମାନେ ଯୋଗ ଦେଇଥିଲେ।

# ଜୁଡୋ କରାଟେ ସ୍କୁଲର ସଫଳତା




ବିଭିନ୍ନ ଗ୍ରେଡ ହାସଲ କରିଥିବା କୃତି ପ୍ରତିଯୋଗୀ।

**ସୋନପୁର,୭।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଜୁଡୋ ଆଣ୍ଡ କରାଟେ ସ୍କୁଲର ୭ ଜଣ ଛାତ୍ର ଆନ୍ତଃ ଜିଲା ମାର୍ସଲ ଆର୍ଟ ବେଲ୍ଟ ପରୀକ୍ଷା ପ୍ରତିଯୋଗିତାରେ କୃତିତ୍ୱର ସହିତ ବିଭିନ୍ନ ଗ୍ରେଡ୍ ହାସଲ କରିଛନ୍ତି। ବୌଦ୍ଧ ରାମଲୀଳା ପଡିଆଠାରେ ଆର୍ଟ ଟେମ୍ପୁଲ ଆନୁକୂଲ୍ୟରେ ଦିନିକିଆ ବେଲ୍ଟ ଗ୍ରେଡିଂ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୋନପୁର ଜୁଡୋ ଆଣ୍ଡ କରାଟେ ସ୍କୁଲର କୋଚ ଥାର୍ଡ ଡାଉନ ବ୍ଲାକ୍ ବେଲ୍ଟ ସୁରଜ ପୂଜାରୀଙ୍କ ନେତୃତ୍ୱରେ ପ୍ରତିଯୋଗିମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମିଲନ କୁମାର ଦାସ, ବୃନ୍ଦାବନ ଭୋଇ ଓ ସଙ୍ଗମ ପ୍ରସାଦ ମେହେର ହଳଦିଆ ବେଲ୍ଟ ପାଇଛନ୍ତି। ସେହିପରି ରାଧେଶ୍ୟାମ ସୁନା ଓ ନିମାଇଁ ମହାକୁଡ ଅରେଞ୍ଜ ବେଲ୍ଟ ଏବଂ ନିଳାଦ୍ରୀ ଚନ୍ଦ୍ର ପାତ୍ର ବ୍ଲୁ ସିନିଅର ଓ ରଘୁନାଥ ହୋତା ବ୍ଲୁ ଜୁନିଅର ବେଲ୍ଟ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ କାନସିନ୍ କାଇ କରାଟେର ଚିଫ୍ ଜ୍ଞାନ ରଞ୍ଜନ ମହାନ୍ତି ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ବେଲ୍ଟ ପ୍ରଦାନ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ସୋନପୁର ଜୁଡୋ ଆଣ୍ଡ କରାଟେ ସ୍କୁଲର ସଭାପତି ସୁକାନ୍ତ କୁମାର ସାହୁ ସ୍ୱାଗତ ଜଣାଇବା ସହ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା ଅଭିଯୋଗ

**ଦେଓଗାଁ, ୭।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଛାରପାଲି କଲୋନୀପଡା (ଖ) କେନ୍ଦ୍ରପାଇଁ ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଆବେଦନକାରୀ ସୁଧା ବାରିକ ମଙ୍ଗଳବାର ଉପଜିଲାପାଳ ଲମ୍ବୋଦର ଧରୁଆଙ୍କୁ ଭେଟିଛନ୍ତି। ଅଭିଯୋଗ ଅନୁସାରେ ଉକ୍ତ କେନ୍ଦ୍ର ପାଇଁ ଦେଓଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପଠାରେ କର୍ମୀଚୟନ ପ୍ରକ୍ରିୟା ସମୟରେ ଉପଜିଲାପାଳଙ୍କ ଉପସ୍ଥିତିରେ ଏକ ନମ୍ବରରେ ଚୟନ ହୋଇଥିବା କର୍ମୀଙ୍କ ଜାତିଗତ ପ୍ରମାଣପତ୍ର ଠିକ ନଥିବାରୁ ତାଙ୍କୁ ରିଜେକ୍ଟ କରାଗଲା ବୋଲି କୁହାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ କେମିତି ସମ୍ପୃକ୍ତ ଆବେଦକାରୀଙ୍କୁ କେବଳ ଶିକ୍ଷାଗତ ମାର୍କକୁ ଆଧାର କରି ଚୟନ କରାଗଲା ବୋଲି ସେ ଅଭିଯୋଗ କରିଛନ୍ତି। ଉପଜିଲାପାଳଙ୍କୁ ଅଭିଯୋଗ କରିବାପରେ ନ୍ୟାୟାଳୟର ଦ୍ୱାରସ୍ଥ ହେବାପାଇଁ ସେ ପରାମର୍ଶ ଦେଇଥିବା ଆବେଦନକାରୀ ବାରିକ ସୂଚନା ଦେଇଛନ୍ତି। ଉପଜିଲାପାଳ ଧରୁଆଙ୍କୁ ପଚାରିବାରୁ ଅଙ୍ଗନୱାଡି କର୍ମୀ ପଦବୀ ଚୟନ ସରକାରୀ ନିୟମାନୁସାରେ ହୋଇଛି ବୋଲି କହିଛନ୍ତି।

## ଶ୍ରୀରାମ ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ

**ବିନିକା, ୭।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ଶ୍ରୀରାମ ମହାବିଦ୍ୟାଳୟରେ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମନୋନୀତ ପରିଚାଳନା କମିଟିର ନୂତନ ସଭାପତି ରମେଶ ଚନ୍ଦ୍ର ପୂଜାରୀଙ୍କୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧକ୍ଷ ଧ୍ରୁବଚରଣ ପଧାନ ସଭାରେ ଅଧକ୍ଷତା କରି କଲେଜର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଉପସ୍ଥାପିତ ସମସ୍ୟାଗୁଡିକ ସମାଧାନ ଦିଗରେ ସେ ସହୃଦୟତାର ସହ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କଲେଜର ସାମଗ୍ରିକ ବିକାଶରେ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଆଗେଇ ଆସିବାକୁ ସେ ଅନୁରୋଧ କରିଥିଲେ। ଏହା ସହିତ ଯୁକ୍ତଦୁଇ ଓ ଯୁକ୍ତତିନିରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ୫୦୦୧ ଟଙ୍କାର ପୁରସ୍କାର ରାଶି ଯଥାକ୍ରମେ ସ୍ୱର୍ଗତ ଡିଙ୍ଗର ସାହୁ ଓ ସ୍ୱର୍ଗତ ରାଧେଶ୍ୟାମ ପୂଜାରୀଙ୍କ ନାମରେ ପ୍ରଦାନ କରିବା ପାଇଁ ସେ ଘୋଷଣା କରିଥିଲେ। ମହାବିଦ୍ୟାଳୟର ଶୈକ୍ଷିକ ବିକାଶ, ଆବଶ୍ୟକ କୋଠାବାଡି ତଥା ଆନୁସଙ୍ଗିକ ବିକାଶ ଦିଗରେ ଉଦ୍ୟମ କରିବେ ବୋଲି ପୂଜାରୀ କହିଥିଲେ। ପ୍ରଧାପକ ଶରତ ଚନ୍ଦ୍ର ପଧାନ ସ୍ୱାଗତ ଭାଷଣ, ସଞ୍ଜୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।




ପରିଚାଳନା କମିଟି ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜଳଛତ୍ର ମଜୁରିଆଙ୍କ ପ୍ରାପ୍ୟ ମିଳୁନି

**ବଲାଙ୍ଗୀର ଅଫିସ, ୭।୯**

ଖରା ଦିନରେ ବାଟେଇଙ୍କୁ ଜଳଦାନ କରିବା ପାଇଁ ଜଳଛତ୍ର ଖୋଲାଯାଇଥିଲା। ଟାଣ ଖରାରେ ନିଜକୁ କଷ୍ଟରେ ରଖି ମଜୁରି ପାଇଁ କିଛି ଲୋକ ଏହି ଜଳଛତ୍ର ଗୁଡିକରେ ଦିନ କାର୍ଯ୍ୟ କରିଥିଲେ। ତେବେ ଦୀର୍ଘ ୮ ମାସ ହେଲା ଏହି ଜଳଛତ୍ର ମଜୁରିଆମାନେ ସେମାନଙ୍କ ପ୍ରାପ୍ୟ ପାଇନଥିବା ଅଭିଯୋଗ କରିଛନ୍ତି। ଏଭଳିକି ମଜୁରି ପାଇଁ ବାରମ୍ବାର ପଞ୍ଚାୟତ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟକୁ ଦୌଡି ନୟାନ୍ତ ହେଲେ ମଧ ସେମାନେ ମଜୁରି ଦେବା ପରବର୍ତ୍ତେ ହଇରାଣ କରୁଥିବା ଅଭିଯୋଗ କରିଛନ୍ତି। ବଲାଙ୍ଗୀର ଜିଲା ସଇଁତଲା ବ୍ଲକ୍ ଅନ୍ତର୍ଗତ ଜୁରାବନ୍ଧ ପଞ୍ଚାୟତର ଜଳଛତ୍ର ମଜୁରିଆମାନେ ଜିଲାପାଳ କାର୍ଯ୍ୟାଳୟକୁ ଆସି ସେମାନଙ୍କ ମଜୁରି ସମ୍ବନ୍ଧରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। କେଓମାଲ ଗ୍ରାମର ଭୀମ ସୁନାନୀ, ଜୁରାବନ୍ଧ ଗ୍ରାମର ନିର୍ମଳ ଭୋଇ, ନୂଆମୁଣ୍ଡା ଗ୍ରାମର କିଚକ ବରିହା, ଖର୍ସେଲବାଞ୍ଜି ଗ୍ରାମର ରଘୁ ପରୁଆ ଓ ଡୁକେରଚରଚରା ଗ୍ରାମର ସଦାନନ୍ଦ ଘିବେଲା ଜିଲାପାଳ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କୁ ଭେଟି ସେମାନଙ୍କ ଅଭିଯୋଗ ସମ୍ପର୍କରେ ଜଣାଇଥିଲେ। ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସେମାନେ କିଭଳି ଦୀର୍ଘ ୮ ମାସ ହେଲା ନ୍ୟାର୍ଯ୍ୟ ପ୍ରାପ୍ୟ ପାଇନାହାନ୍ତି ଜଣାଇଥିଲେ। ଏହି ଜଳଛତ୍ର ମଜୁରିଆମାନେ ୨୦୨୦ ମସିହାରେ ଗ୍ରୀଷ୍ମଦିନରେ ମାତ୍ର ୧୫ ଦିନ ଏବଂ ୨୦୨୧ ମସିହାରେ ୭୬ ଦିନ ଜଳଛତ୍ରରେ ମଜୁରିଆ ଭାବେ କାର୍ଯ୍ୟ କରି ଜନସାଧାରଣ ଓ ବାଟୋଇ ମାନଙ୍କୁ ପାଣି ଦେଇଥିଲେ। ତେବେ ଏହି କାମ କଲା ପରେ ମଧ ସେମାନଙ୍କୁ ଉଚିତ୍ ପ୍ରାପ୍ୟ ମିଳି ନ ଥିଲା। ପାଣିଛତ୍ର ମଜୁରିଆଙ୍କ ସହ ପାନୀୟ ଜଳଯୋଗାଣକାରୀ ପମ୍ପଚାଳକ ଓ ସହଯୋଗୀଙ୍କ ମଧ ସେମାନଙ୍କ ପାଉଣା ମିଳିନଥିବା ଅଭିଯୋଗ କରିଛନ୍ତି। ଆଗକୁ ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ଆସୁଛି ତେଣୁ ତୁରନ୍ତ ସେମାନଙ୍କ ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା କଲେ ସେମାନେ ଉପକୃତ ହେବେ ବୋଲି ଲିଖିତ ଜଣାଇଛନ୍ତି।



ଜିଲାପାଳ କାର୍ଯ୍ୟାଳୟକୁ ଆସିଥିବା ଜୁରାବନ୍ଧ ପଞ୍ଚାୟତର ଜଳଛତ୍ର ମଜୁରିଆମାନେ।

